ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.174 Bhubaneswar Sunday Auguest 28 2022 | ୨୫ତମ ବର୍ଷ ସଂଖ୍ୟା–୧୭୪ ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## 'ବାଞ୍ଝ ହେବା ଭଲ' କେବେ କଷ୍ଟ ପାଇ ପିଲା ଜନ୍ମ କରନା'



ପଟ୍ଟାମୁଣ୍ଡାଇ, ୨୭।୮(ପି.ଏନ): "ବାଞ୍ଝ ହେବା ଭଲ। କେବେ କଷ୍ଟ ପାଇ ପିଲା ଜନ୍ମ କରନା। ଠାକୁର ମୋତେ କାହିଁକି ବାଞ୍ଝ କଲନି ?" ଇଏ ପଶ୍ଚାତାପ ହେଉଛି ଜଣେ ମାଆର। ଯେଉଁ ମାଆ ମେଡିକାଲ୍ ବାରଣ୍ଡାରେ ପଡିଥିବା ସ୍ୱାମୀଙ୍କ ମୃତଦେହ ସଂସ୍କାର କରିବା ପାଇଁ ପୁଅ ଓ ଝିଅଙ୍କୁ ଅନୁରୋଧ କରି ଥକି ପଡିଥିଲା। ପୁଅ-ଝିଅ ନଆସିବାରୁ ସାହି ଭାଇ ମୃତଦେହ ସଂସ୍କାର କରିଛନ୍ତି। ଏପରି ହୃଦୟବିଦାରକ ଘଟଣା ଘଟିଛି କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇରେ।ରାଜନଗର ଅଞ୍ଚଳର ବିଘ୍ନେଶ୍ୱର ବାହାଦୂର। ବିଦ୍ୟୁତ ବିଭାଗରେ ଚାକିରି କରୁଥିଲେ। ଚାକିରିରୁ ମିଳୁଥିବା ଦରମାରେ ଚଳୁଥିଲା ପୂରା ପରିବାର। ବିଘ୍ନେଶ୍ୱରଙ୍କ ପରିବାର କହିଲେ ପତ୍ନୀ ଭଗବତୀ, ଦୁଇ ଝିଅ ଓ ଗୋଟିଏ ପୁଅ। ନିଜର ସ୍ୱଳ୍ପ ଦରମାରେ ବିଘ୍ନେଶ୍ୱର ସବୁ ପିଲାଙ୍କୁ ପାଠ ପଢ଼ାଇ ଥିଲେ। ସେମାନଙ୍କ ସୁଖଦୁଃଖରେ ବାପା ହିସାବରେ ଛିଡା ହୋଇଥିଲେ। ବଡ ହେବା ପରେ ଦୁଇ ଝିଅଙ୍କ ବାହାଘର କରାଇ ଥିଲେ। ଏକମାତ୍ର ପୁଅ ପେସାରେ ଇଞ୍ଜିନିୟର। ସେ ପ୍ରେମ ବିବାହ କରିଛନ୍ତି। ବାହାଘର ପରେ ପତ୍ନୀଙ୍କ ସହ ଭୁବନେଶ୍ୱରରେ ରହୁଛନ୍ତି।ବୟସ ଗଡିବା ସହିତ ବାର୍ଦ୍ଧକ୍ୟରେ ପଦାର୍ପଣ କଲେ ବିଘ୍ନେଶ୍ୱର ଓ ଭଗବତୀ। ଦୁଇ ଝିଅ ବାହା ହେବା ପରେ ଶାଶୁଘରେ ରହୁଥିବା ବେଳେ ରାଜଧାନୀରେ ପରିବାର ଓ ଚାକିରିରେ ବ୍ୟସ୍ତ ଅଛନ୍ତି ପୁଅ। ଏମାନେ କେବେ ହେଲେ ବାପା-ମାଆଙ୍କୁ ଖୋଜି ନ ଥିବା ଅଭିଯୋଗ ହୋଇଛି। ନିଜର ପେନ୍ସନ୍ ଟଙ୍କାରେ ଚଳୁଥିଲେ ବିଘ୍ନେଶ୍ୱର ଓ ଭଗବତୀ। ଦିନେ ହଠାତ୍ ପୁଅ ଘରେ ପହଞ୍ଚି ଥିଲେ। ନିଜ ଚାଲ୍‌ରେ ବାପା-ମାଆଙ୍କୁ ଫସାଇ ଦେଇଥିଲେ। ରାଜନଗରରେ ଥିବା ପୈତୃକ ଘର ବିକି ଭୁବନେଶ୍ୱରରେ ଘର କରିବାକୁ କହିଥିଲେ।ପୁଅର କଥାରେ ବାପା ବିଘ୍ନେଶ୍ୱର ଓ ମାଆ ଭଗବତୀ ରାଜି ହୋଇଯାଇଥିଲେ। ଘର ବିକି ସବୁ ଟଙ୍କା ପୁଅକୁ ଦେଇଦେଲେ। ପୁଅ ସବୁ ଟଙ୍କା ଧରି ଭୁବନେଶ୍ୱର ପଳାଇ ଆସିଲେ। ଆଉ ଏଠାରେ ଘର ତିଆରି କରି ନିଜର ଛୋଟ ପରିବାର ସହ ରହିଥିଲେ। ହେଲେ ଭୁଲିଗଲେ ବୃଦ୍ଧ ବାପା-ମାଆଙ୍କ କଥା। ସେମାନଙ୍କୁ ଭୁବନେଶ୍ୱର ଆଣିଲେ ନାହିଁ। ବାସ ହରାଇ ବିଘ୍ନେଶ୍ୱର ଓ ମାଆ ଭଗବତୀ ପଟ୍ଟାମୁଣ୍ଡାଇ ବକ୍ତରପୁରରେ ଘର ଭଡା ନେଇ ରହୁଥିଲେ। ନିଜର ଅବସରକାଳୀନ ଭତ୍ତା ଟଙ୍କାରେ ଚଳୁଥିଲେ।ଶୁକ୍ରବାର ରାତିରେ ଅସୁସ୍ଥ ଅନୁଭବ କଲେ ବିଘ୍ନେଶ୍ୱର। ସ୍ୱାମୀଙ୍କ ଅବସ୍ଥା ଦେଖି ବିଚଳିତ ହୋଇ ପଡିଲେ ଧର୍ମପତ୍ନୀ ଭଗବତୀ। ପୁଅ ଓ ଝିଅଙ୍କ ପାଖକୁ ଫୋନ୍ କରିଥିଲେ। ମାତ୍ର କେହି ସହଯୋଗ କଲେନାହିଁ। ଶେଷରେ ପଡୋଶୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ରାତି ପ୍ରାୟ ୧୦ଟା ବେଳେ ବିଘ୍ନେଶ୍ୱରଙ୍କୁ ମୃତ ଘୋଷଣା କଲେ ଡାକ୍ତର। ଏହା ପରେ ହତବାକ୍ ହୋଇପଡିଲେ ଭଗବତୀ। ବାପାଙ୍କ ମୃତଦେହ ସଂସ୍କାର କରିବା ପାଇଁ ସଙ୍ଗେ ସଙ୍ଗେ ଭୁବନେଶ୍ୱରରେ ରହୁଥିବା ପୁଅ ପାଖକୁ ଫୋନ୍ କରିଥିଲେ। ହେଲେ ସେ ଆସିବାକୁ ମନା କରିଥିଲେ। ମୋର କେହି ବାପା-ମାଆ ନାହାନ୍ତି ବୋଲି ପୁଅ କହିଥିବା ଭଗବତୀ ଅଭିଯୋଗ କରିଛନ୍ତି।ଦୁଇ ଝିଅ ମଧ୍ୟ ରାତିରେ ମେଡିକାଲ୍ ଆସିଲେ ନାହିଁ। ଯାହାଫଳରେ ଶୁକ୍ରବାର ରାତି ୧୦ଟାରୁ ଆଜି ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ମେଡିକାଲରେ ପଡିଲା ବିଘ୍ନେଶ୍ୱରଙ୍କ ମୃତଦେହ। ପାଖରେ ବସି ଆକୁ ତାକୁ ନେହୁରା ହୋଇଥିଲେ ପତ୍ନୀ ଭଗବତୀ। ବିଳମ୍ବରେ ହେଲେ ମଧ୍ୟ ସାନ ଝିଅ ମେଡିକାଲ୍‌ରେ ପହଞ୍ଚିଥିଲେ। ମୃତଦେହ ନେଇଯିବା ପାଇଁ ମେଡିକାଲ୍ କର୍ତ୍ତୃପକ୍ଷ ନିବେଦନ କରିଥିଲେ। ହେଲେ ସେ ବାପାଙ୍କ ମୃତଦେହ ନେବା ତ ଦୂରର କଥା, ଦେଖିବାକୁ ଗଲେ ନାହିଁ।ଶେଷରେ ସହାୟତାର ହାତ ବଢ଼ାଇଲେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା। ସେମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀପଡା ଶ୍ମଶାନରେ ମୃତଦେହ ସଂସ୍କାର କରିଛନ୍ତି। ଡମ୍ବୁରୁଧର ରାଉତ ନାମକ ଜଣେ ସମାଜସେବୀ ମୁଖାଗ୍ନି ଦେଇଥିଲେ।

## ବିହାର ବିଧାନସଭାରୁ ଓଡ଼ିଶା ଆସିଲା ୧୦୦ ବର୍ଷର ପୁରୁଣା ନଥି

ଭୁବନେଶ୍ୱର, ୨୭।୮(ପି.ଏନ): ୧୯୨୨ ମସିହାରେ ତତ୍‌କାଳୀନ ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାରେ ଉତ୍କଳଗୌରବ ମଧୁସୂଦନ ଦାସ ଓ ପରବର୍ତ୍ତୀ ସମୟରେ ଉତ୍କଳମଣି ଗୋପବନ୍ଧୁ, ବାଗ୍ମୀ ବିଶ୍ୱନାଥ କର, ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ପ୍ରମୁଖ ନେତୃବୃନ୍ଦଙ୍କ ଦ୍ୱାରା ଉପସ୍ଥାପିତ ତର୍କ-ବିବରଣୀ ଓଡ଼ିଶା ବିଧାନସଭାକୁ ଉପଲବ୍ଧ ହୋଇଛି। ଦୀର୍ଘ ୧୦୦ ବର୍ଷ ପରେ ବିହାର ବିଧାନସଭାରୁ ଏସବୁ ପୁରୁଣା ନଥି ଅଣାଯାଇପାରିଛି। ଏପରି ଗୁରୁତ୍ୱପୂର୍ଣ୍ଣ ସଂଗ୍ରହଣରୁ ଅନେକ ଅନାଲୋଚିତ ପ୍ରସଙ୍ଗ ମିଳିବ ଓ ସେସବୁ ଗବେଷକ ତଥା ଭବିଷ୍ୟତ ପିଢ଼ିକୁ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ବାଚସ୍ପତି ଶ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ବିଧାନସଭାରେ କେବଳ ୧୯୩୭ ମସିହାଠାରୁ ବିଧାୟକମାନଙ୍କ ବିବରଣୀ ରହିଛି। ତତ୍‌କାଳୀନ ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାରେ ଓଡ଼ିଶାର ନେତୃବୃନ୍ଦଙ୍କ ବକ୍ତବ୍ୟର ବିବରଣୀ ଓଡ଼ିଶାରେ ଉପଲବ୍ଧ ନଥିଲା। ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଶ୍ରୀରାମ ଦାଶ ୧୯୭୯ ମସିହାରେ ବିଧାନସଭା ଗ୍ରନ୍ଥାଗାରକୁ ଆସି ଏହି ତଥ୍ୟ ଖୋଜି ନପାଇବା ପରେ ନଥିପତ୍ର ସଂଗ୍ରହ କରିବାକୁ ବିଧାନସଭା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିଦିନଠାରୁ ଏହି ନଥି ସଂଗ୍ରହଣ ଉଦ୍ୟମ ଜାରି ରହିଥିଲା। ୨୦୦୧ ମସିହାରେ ସାମ୍ବାଦିକ ଶ୍ରୀ ଦାଶ ତତ୍‌କାଳୀନ ବିଧାନସଭା ବାଚସ୍ପତି ଶରତ କୁମାର କରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତତ୍‌କାଳୀନ ସଚିବ ଜଗଦୀଶ୍ ପ୍ରସାଦ ଦାଶ ଜନୈକ କର୍ମଚାରୀ ରବି ନାରାୟଣ ମିଶ୍ରଙ୍କୁ ଏଥି ପାଇଁ ପାଟନା ପଠାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଲୋକସଭାର ତତ୍‌କାଳୀନ ବାଚସ୍ପତି ସ୍ୱର୍ଗତ ରବି ରାୟଙ୍କ ସହିତ ସାମ୍ବାଦିକ ଶ୍ରୀ ଦାଶ ଯୋଗାଯୋଗ କରିଥିଲେ ମଧ୍ୟ ବିହାରରୁ କୌଣସି କାଗଜପତ୍ର ଆସିପାରିନଥିଲା। ୨୦୨୧ରେ ପୁନଶ୍ଚ ଓଡ଼ିଶା ବିଧାନସଭାର ତତ୍‌କାଳୀନ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ ଓ ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକଙ୍କୁ ଏହି ଦାୟିତ୍ୱ ଦେଇଥିଲେ। ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ପଟ୍ଟନାୟକ ଏ ସଂପର୍କରେ ବିହାର ବିଧାନସଭା ସହ ଯୋଗାଯୋଗ କରିଥିଲେ ଏବଂ ସଚିବ ଶ୍ରୀ ଶତପଥୀ ନଥିପତ୍ର ସଂପର୍କରେ ବିହାର ବିଧାନସଭା ସଚିବଙ୍କୁ ଚିଠି ଲେଖିଥିଲେ। ଗବେଷଣା ଅଧିକାରୀ ଶ୍ରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଶ୍ରୀ ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଏଥି ନିମନ୍ତେ ବିହାରର ରାଜଧାନୀ ପାଟନା ପଠାଯାଇଥିଲା। ଶ୍ରୀ ପ୍ରଧାନ ଓ ଶ୍ରୀ ସ୍ୱାଇଁ ପାଟନାରେ ରହି ବିହାର ବିଧାନ ପରିଷଦରେ ଉପଲବ୍ଧ ବିବରଣୀ ସହ ବିଭିନ୍ନ ତଥ୍ୟ ସଂଗ୍ରହ କରି ଓଡ଼ିଶା ଫେରିଲେ। ଏହା ଫଳରେ ଓଡ଼ିଶା ବିଧାନସଭାକୁ ୧୦୦ ବର୍ଷ ତଳର ପୁରୁଣା ନଥି ପହଞ୍ଚିପାରିଛି। ପ୍ରକାଶଯୋଗ୍ୟ ଯେ ତତ୍‌କାଳୀନ ମାଡ୍ରାସ ପ୍ରେସିଡେନ୍ସୀରେ ସ୍ୱର୍ଗତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ଦ୍ୱାରା ଉପସ୍ଥାପିତ ଓଡ଼ିଶା ସଂପର୍କିତ ତଥ୍ୟ ସଂଗ୍ରହଣ ପାଇଁ ତାମିଲନାଡୁ ବିଧାନସଭା ସହ ମଧ୍ୟ ଓଡ଼ିଶା ବିଧାନସଭା ପକ୍ଷରୁ ଯୋଗାଯୋଗ କରାଯାଇଛି। ତେଣୁ ବିଭିନ୍ନ ତଥ୍ୟ ଓଡ଼ିଶା ବିଧାନସଭାକୁ ତାମିଲନାଡୁରୁ ଆସିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ବରିଷ୍ଠ ସାମ୍ବାଦିକ ଶ୍ରୀ ଦାଶଙ୍କ ନିରବଚ୍ଛିନ୍ନ ପ୍ରୟାସ ସାଙ୍ଗକୁ ବିଧାନସଭା ସଚିବ ଶ୍ରୀ ଶତପଥୀ ଓ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ପଟ୍ଟନାୟକଙ୍କ ନିଷ୍ଠାପର ଉଦ୍ୟମ ବଳରେ ଏହି ଐତିହାସିକ ନଥିପତ୍ର ହାସଲ କରାଯାଇପାରିଥିବାରୁ ବାଚସ୍ପତି ଶ୍ରୀ ଆରୁଖ ଆନନ୍ଦ ପ୍ରକାଶ କରିଛନ୍ତି ଓ ସଂପୃକ୍ତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପୁଣି ଚର୍ଚ୍ଚାରେ ରାଇରଙ୍ଗପୁର, ଓଡିଆ ଝିଅ ହେବେ କି ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ?



ବାରିପଦା, ୨୭।୮(ପି.ଏନ): ପୁଣି ଥରେ ଚର୍ଚ୍ଚାରେ ଆଦିବାସୀ ଅଧ୍ୟୁଷିତ ରାଇରଙ୍ଗପୁର। ଏଥର ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସ୍ତ୍ରୀ କଳ୍ପନାଙ୍କୁ ନେଇ ଚର୍ଚ୍ଚା ଓ ଆଲୋଚନା। ହେମନ୍ତ ସୋରେନଙ୍କ ବିଧାୟକ ପଦ ରଦ୍ଦ ଆଶଙ୍କା ଭିତରେ କଳ୍ପନା ମୁଖ୍ୟମନ୍ତ୍ରୀ ହେବା ନେଇ ଆଲୋଚନା ହେଉଛି। କଳ୍ପନା ସୋରେନ୍ ? ମୁଖ୍ୟମନ୍ତ୍ରୀ ହେଲେ, ଓଡିଶା ପାଇଁ ଗୌରବର ବିଷୟ। କାରଣ ସେ ଝାଡଖଣ୍ଡର ବୋହୂ ହେଲେ ମଧ୍ୟ ଓଡିଶାର ଝିଅ।ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ସବ୍ ?ଡିଭିଜନ ବହଳଦା ବ୍ଲକ୍ ?ର ତେନ୍ତଲା ଗାଁର ଝିଅ ହେଉଛନ୍ତି କଳ୍ପନା ସୋରେନ୍ ?। ତାଙ୍କ ବାପା ଆନନ୍ଦା ମାଝୀ ଜଣେ ଭଲ ଫୁଟବଲ ଖେଳାଳି। ଏଥିସହ ସେ ଭାରତୀୟ ସେନାରେ ଚାକିରି କରୁଥିଲେ। ଆନନ୍ଦା ପଞ୍ଜାବରେ ଚାକିରି କରୁଥିବା ବେଳେ କପୁରଥାଲାରେ କଳ୍ପନା ଜନ୍ମ ଗ୍ରହଣ କରିଥିଲେ। କଳ୍ପନା ବାପା-ମାଆଙ୍କ ବଡ଼ ଝିଅ ହୋଇଥିବା ବେଳେ ବାପାଙ୍କ ଚାକିରି ସମୟରେ କୋଲକାତା, ଅମ୍ବାଲା, ଆହ୍ଲାବାଦ, ଶ୍ରୀନଗର ଆଦି ବିଭିନ୍ନ ସହରରେ ପାଠ ପଢ଼ିଥିଲେ। ଏଥିସହ ସେ ବାରିପଦା କେନ୍ଦ୍ରୀୟ ବିଦ୍ୟାଳୟରେ ଦଶମ ଶ୍ରେଣୀ ପଢିଥିବା ବେଳେ ବାରିପଦାର ଏମ୍‌ପିସି ଜୁନିୟର କଲେଜରେ ଯୁକ୍ତ ଦୁଇ ପାଠ ପଢ଼ିଥିଲେ। କଳ୍ପନା ଏହା ପରେ ଭୁବନେଶ୍ୱର ଚାଲି ଯାଇଥିଲେ। ସେଠାରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ସେ ବି-ଟେକ କରିଥିଲେ। ପରେ କୋଲକାତାରେ ଏମ୍‌ବିଏ କରିଥିଲେ।ପାଠପଢ଼ା ସରିବା ବାରିପଦାରେ ରହୁଥିବା ବାପା-ମାଆଙ୍କ ପାଖକୁ ଚାଲି ଆସିଥିଲେ କଳ୍ପନା। ୨୦୦୬ ଫେବୃଆରୀ ୭ ତାରିଖରେ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ୍ ?ଙ୍କ ପୁଅ ହେମନ୍ତ ସୋରେନଙ୍କ ସହିତ କଳ୍ପନାଙ୍କ ବିବାହ ହୋଇଥିଲା। ବାରିପଦାରେ ବିବାହ ହୋଇଥିଲା। ବିବାହ ପରେ ହେମନ୍ତଙ୍କ ସହିତ କଳ୍ପନା ଶାଶୁଘର ଝାଡଖଣ୍ଡ ଚାଲି ଯାଇଥିଲେ। ଘର ସଂସାର ଭିତରେ ନିଜକୁ ସୀମିତ ରଖୁଥିବା କଳ୍ପନା ରାଜନୀତିଠାରୁ ଦୂରେଇ ରହୁଥିଲେ। କିନ୍ତୁ ନିର୍ବାଚନ ପ୍ରଚାର ବେଳେ ସେ ସ୍ୱାମୀଙ୍କୁ ସହଯୋଗ କରୁଥିଲେ।ଅଫିସ ଅଫ ପ୍ରଫିଟ(ଲାଭ ଜନକ ପଦବୀ) ମାମଲାରେ ଫସିଥିବା ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାୟକ ପଦ ରଦ୍ଦ ହେବାର ଆଶଙ୍କା ବଢ଼ିବାରେ ଲାଗିଛି। ଏପରିସ୍ଥିତିରେ ଓଡିଆ ଝିଅ କଳ୍ପନା ମୁଖ୍ୟମନ୍ତ୍ରୀ ହେବେ ନେଇ ଆଲୋଚନା ହେଉଛି।

### ବିଦ୍ୟାଳରେ କୃମି ଔଷଧ ଖାଇ ୧୦ ଛାତ୍ରଛାତ୍ରୀ ଅସୁସ୍ଥ

ଗଞ୍ଜାମ, ୨୭।୮(ପି.ଏନ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଜିଉରା ସରକାରୀ ଉନ୍ନୀତ ବିଦ୍ୟାଳୟରେ ଆଜି ପୂର୍ବାହ୍ନରେ କୃମି ଔଷଧ ଖାଇବା ପରେ ୧୦ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ଆଡ଼ପଡା ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ନେଇ ମେଡ଼ିକାଲ ସୂତ୍ରରୁ ପ୍ରକାଶ।

### ଇିହାରରେ ଇଞ୍ଜିନିୟରଙ୍କ ଘରେ ଚଢ଼ାଉରେ ପାଂଚ କୋଟି ଟଙ୍କା ଏବଂ ଅଳଙ୍କାର ଜବତ

ପାଟଣା/କିଶନଗଞ୍ଜ, ୨୭।୮(ପି.ଏନ): ବିହାରର ପାଟଣା-କିଶନଗଞ୍ଜରେ ଶନିବାର ଦିନ ଗ୍ରାମୀଣ କାର୍ଯ୍ୟ ବିଭାଗର କାର୍ଯ୍ୟପାଳକ ଇଂଜିନିୟରାଙ୍କ ଘରେ ହୋଇଥିବା ଚଢ଼ାଉରେ ନଜରରେ ଟିମ୍ ପାଂଚକୋଟି ଟଙ୍କା ନଗଦ ଏବଂ ଅଳଙ୍କାର ଜବତ କରିଛନ୍ତି।ଇହାରର ଗ୍ରାମୀଣ କାର୍ଯ୍ୟ ବିଭାଗରେ ମୁତୟନ କାର୍ଯ୍ୟପାଳକ ଅଭିଯନ୍ତା ସଂଜୟ କୁମାର ରାୟଙ୍କ କିଶନଗଞ୍ଜ ଏବଂ ପାଟଣାସ୍ଥିତ ଠିକଣାରେ ଶନିବାର ଦିନ ଚଢ଼ାଉ କରାଯାଇଛି। ଏହି ଅବସରରେ ଘରୁ ପାଖାପାଖି ପାଂଚ କୋଟି ଟଙ୍କା ନଗଦ ଜବତ ହୋଇଛି। ଏହାବ୍ୟତୀତ ଅତିମାତ୍ରାରେ ଅଳଙ୍କାର ଏବଂ ଅନ୍ୟ ଦାମିକା ଜିନିଷ ମଧ୍ୟ ମିଳିବାର ସମ୍ଭାବନା ଅଛି। ନୋଟ୍ର ଗଣିବା ଜାରି ରହିଛି।

### ପ୍ରଧାନ ବିଚାରପତିଙ୍କ ଶପଥ ଗ୍ରହଣ

ନୂଆଦିଲ୍ଲୀ, ୨୭।୮(ପି.ଏନ): ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ଶ୍ରୀ ଉଦୟ ଉମେଶ ଲଳିତ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନ ଦରବାର ହଲରେ ଆଜି (ଅଗଷ୍ଟ ୨୭, ୨୦୨୨) ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ତାଙ୍କର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ

## ଦରଦାମ ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ତରଫରୁ ପଥପ୍ରାନ୍ତ ସଭା

ଭୁବନେଶ୍ୱର, ୨୭।୮(ପି.ଏନ): ଅତ୍ୟାବଶ୍ୟକୀୟ ଖାଦ୍ୟ ପଦାର୍ଥର ଅହେତୁକ ଦରଦାମ ବୃଦ୍ଧି, ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥ ତଥା ଛୋଟ ପିଲାମାନଙ୍କର ଖାତା, ପେନସିଲ କଟର ଇତ୍ୟାଦି ଉପରେ ଯେଉଁଭଳି ଭାବରେ ୫% ଜିଏସଟି ଲାଗୁ କରାଯାଇଛି ତାହାର ପ୍ରତିବାଦ କରି ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁସାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୁଇନମ୍ବର ପେଟ୍ରୋଲ ପମ୍ପ ସମ୍ମୁଖରେ ଏବଂ ରସୁଲଗଡ଼ ଠାରେ ଥିବା କୁଚିଳାଖାଇ ହାଟ ସମ୍ମୁଖରେ ତଥା ଉତର ନିର୍ବାଚନ ମଣ୍ଡଳୀର ଇନ୍ଦ୍ରଧନୁମାର୍କେଟ, ଡମଣା ହାଟ ଓ ପଦ୍ମକେଶରୀପୁର ହାଟ ପଡ଼ିଆଠାରେ ପଥପ୍ରାନ୍ତ ସଭାମାନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଥପ୍ରାନ୍ତ ସଭାରେ ପିସିସିର ପୂର୍ବତନ ଉପସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଶିବାନନ୍ଦ ରାୟ, ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ବ୍ଲକ ସଭାପତି ଶ୍ରୀ ଅଶୋକ ଦାସ ଓ ଅନ୍ୟ ମାନ୍ୟଗଣ୍ୟ ନେତୃବୃନ୍ଦମାନେ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଦରଦାମ ଓ ବେକାରୀ ସମ୍ପର୍ଦ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥିଲେ। ଦୀର୍ଘ ୮ବର୍ଷ ଭିତରେ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟପଦାର୍ଥର ଦରଦାମ ୨୦୧୪ ମସିହା ଠାରୁ ୬୦ ରୁ ୭୦% ବୃଦ୍ଧି ଘଟିଛି। ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସର ଦରବୃଦ୍ଧି ଆଜି ପ୍ରତ୍ୟେକ ପରିବାରକୁ ବହୁ କଷ୍ଟ ଦେଉଛି। ଦେଶର ପାଇକାରୀ ମୁଦ୍ରାସ୍ଫିତି ୧୭ ମାସ ଧରି ୭% ରୁ ଅଧିକ ରହୁଛି। ଯାହାକି ଏହା ଅତ୍ୟନ୍ତ ଚିନ୍ତାଜନକ ହୋଇଥିଲେ ମଧ୍ୟ କେନ୍ଦ୍ରର ବିଜେପି ସରକାର ଏଥିରେ ତିଳେମାତ୍ର କର୍ଣ୍ଣପାତ କରୁନାହିଁ। ଗୋଟେପଟେ ବେକାରୀ ସମସ୍ୟା ଉତ୍କଟ ହୋଇଥିଲା ବେଳେ ଅନ୍ୟପଟେ ମହଙ୍ଗାଇ ମାଡ଼ ଲୋକଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଲାଣି। ମୋଦି ସରକାର ଆଚ୍ଛାଦିନର ଏବଂ ମହଙ୍ଗାଇକୁ ନିଶ୍ଚିତ କମ୍ କରିବାପାଇଁ ଭରଷା ଦେଇଥିଲା ବେଳେ ତାହା ଏ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଖରେ ଉପଲବ୍ଧ ହେଲା ନାହିଁ ବୋଲି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ କହିଥିଲେ। ଯଦି ଜନସାଧାରଣ ଏହି ଦରଦାମରୁ ନିସ୍ତାର ପାଇବାପାଇଁ ଚାହୁଁଛନ୍ତି ଏବଂ ପରିବାରର ଯୁବକଯୁବତୀ ମାନଙ୍କୁ ନିଯୁକ୍ତି ମିଳୁ ବୋଲି ଆଶା କରୁଛନ୍ତି ତାହାହେଲେ କଂଗ୍ରେସର ହାତମୁଠାକୁ ଟାଣ କରିବାପାଇଁ ପଡ଼ିବ। କଂଗ୍ରେସ ଗରିବ ଖଟିଖିଆ, କୃଷକ, ଶ୍ରମିକ ଏବଂ ନିମ୍ନମଧ୍ୟବିତ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସବୁ ସମୟରେ ଲଢ଼େଇ କରିଛି ଓ କରିବ ମଧ୍ୟ। ଆମ ସମସ୍ତଙ୍କୁ ଏ ଜନବିରୋଧି ସରକାର ବିରୁଦ୍ଧରେ ଏକ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବାକୁ ହେବ। ଭାରତବର୍ଷକୁ ରକ୍ଷା କରିବା ସହିତ ଭାରତ ବର୍ଷରୁ ଜନଗଣଙ୍କୁ ମଧ୍ୟ ରକ୍ଷା କରିବାକୁ ପଡ଼ିବ। ଏହି ସଭାରେ ବ୍ଲକ କଂଗ୍ରେସ ସଭାପତି ଶ୍ରୀଧର ବଳିଆରସିଂ, ମୋହନ ଜେନା, ମିହିର ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ବହ୍ମାନନ୍ଦ ସାହୁ, ଅକ୍ଷୟ ଦାସ, ଜୟଶ୍ରୀ ପାତ୍ର, ଦେବାଶିଷ ଦାସ, ଦେଓ ପ୍ରସାଦ, ଲୁଲୁ ଏହମ୍ମଦ, ସୌମେନ୍ଦ୍ର ମହାନ୍ତି, ପ୍ରଭାତ ପାଲଟାସିଂ, ସୂର୍ଯ୍ୟକାନ୍ତ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ମକ୍ ବିଧାନସଭାରେ କେଜ୍ରିଓ୍ୱାଲଙ୍କ ଶିକ୍ଷା ମଡେଲକୁ ବିଜେପି କଲା ନିନ୍ଦା

ନୂଆଦିଲ୍ଲୀ, ୨୭।୮(ପି.ଏନ): ଭାରତୀୟ ଜନତା ପାର୍ଟି (ବିଜେପି) ବିଧାୟକମାନେ ଶନିବାର ଦିନ ମକ୍ ବିଧାନସଭାରେ ଡକାଯାଇଥିବା ଦିଲ୍ଲୀ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନକୁ ଅସାମ୍ବିଧାନିକ ବୋଲି କହିଛନ୍ତି। ଏହି ମକ୍ ବିଧାନସଭାରେ ବିଜେପି ନେତାମାନେ କେଜ୍ରିଓ୍ୱାଲ ସରକାରଙ୍କ ମଦ ନୀତି, ଶିକ୍ଷା ଏବଂ ଦିଲ୍ଲୀର ବିକାଶ ମଡେଲକୁ ଏକ ପ୍ରତାରଣା ବୋଲି କହିଛନ୍ତି।ଜନପଥରେ ଡକ୍ଟର ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ରରେ ମକ୍ ବିଧାନସଭା ଅଧିବେଶନ ଆୟୋଜିତ ହୋଇଥିଲା। ଅଡିଟୋରିୟମକୁ ନିଜ ବିଧାନସଭାର ରୂପ ଦିଆଯାଇଥିଲା। ମକ୍ ବିଧାନସଭା ଅଧିବେଶନରେ ପୂର୍ବତନ ବିଧାୟକ ବରଖା ସିଂ ବକ୍ତା ଭାବରେ ଭୂମିକା ଗ୍ରହଣ କରିଥିଲେ। ସଦସ୍ୟମାନେ ନିୟମ -୨୮୦ ଅଧୀନରେ ସେମାନଙ୍କର ସ୍ଥାନୀୟ ସମସ୍ୟା ମଧ୍ୟ ଉଠାଇଲେ। ବିଧାନସଭାକୁ ପ୍ରକୃତ ରୂପ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଏବଂ ତାଙ୍କ କ୍ୟାବିନେଟର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ସେମାନଙ୍କୁ ସେମାନଙ୍କର ଦୃଷ୍ଟିକୋଣକୁ ବ୍ୟଙ୍ଗାତ୍ମକରେ ପ୍ରକାଶ କରିବାର ସୁଯୋଗ ମଧ୍ୟ ଦିଆଗଲା।

## ଆଇଆଇସିଙ୍କ ହାରାସ୍‌ମେଣ୍ଟରୁ ଏସ୍‌ଆଇଙ୍କ ଆତ୍ମହତ୍ୟା, ଅଭିଯୋଗ ଆଣିଲେ ଭାଇ





ବାଲିଗୁଡା, ୨୭।୮(ପି.ଏନ): ଆଇଆଇସିଙ୍କ ହାରାସ୍‌ମେଣ୍ଟରୁ ଏସ୍‌ଆଇଙ୍କ ଆତ୍ମହତ୍ୟା। ଅଭିଯୋଗ ଆଣିଲେ ମୃତ ଏସ୍ ?ଆଇ ଭାଇ। କନ୍ଧମାଳ ଜିଲ୍ଲାର ଜି. ଉଦୟଗିରି ଆଦର୍ଶ ଥାନାର ମହିଳା ସବ୍ ଇନ୍‌ସପେକ୍ଟର ସ୍ୱାଗତିକା ବେହେରା ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ଆସିଛି ଏଭଳି ଟୁଇଷ୍ଟ। ଜି. ଉଦୟଗିରି ଆଇଆଇସି ମେଣ୍ଟାଲ ହାରାସ କରୁଥିଲେ ବୋଲି ସାଗରିକାଙ୍କ ଭାଇ ମନୋରଞ୍ଜନ ବେହେରା ଓ ମା' ଉଷାରାଣୀ ବେହେରା ଅଭିଯୋଗ କରିଛନ୍ତି। ଏଥିସହ ସେମାନେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି। ତେବେ ଏ ନେଇ ସାଗରିକଙ୍କ ପରିବାର ଲୋକଙ୍କ ସହ ଅଲୋଚନା ବେଳେ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି ଜି. ଉଦୟଗିରି ଏସ୍ ?ଡିପିଓ ଡି. ତିରୁପତି ରାୟ।ସାଗରିକାଙ୍କ ଭାଇ ମନୋରଞ୍ଜନ କହିଛନ୍ତି, ଭଉଣୀ ଉପରେ କାମର ଚାପ ଥିଲା। ଭଉଣୀ ଫୋନ୍ କରି କାନ୍ଦେ। ହଇରାଣ କରାଯାଉଥିବା କହେ। ଜି. ଉଦୟଗିରି ଆଇଆଇସି ମେଣ୍ଟାଲ ହାରାସ ସହ ଗାଳିଗୁଲଜ କରୁଥିବା କହେ। କାମ ନ ଆସିଲେ ଚାକିରି ଛାଡି ଦେବାକୁ ଧମକ ଦେଉଥିବା କହେ। ଗତକାଲି ରାତିରେ ଫୋନ୍ କରି ଭଉଣୀ କାନ୍ଦିଥିଲା। ଆଉ ବଞ୍ଚିବିନି କହିଥିଲା। ଆଜି ସକାଳୁ ଫୋନ୍ କରିବା ବେଳେ ଆଉ ସେ ଫୋନ୍ ଉଠାଇ ନ ଥିଲା। କିଛି ସମୟ ପରେ ତାର ମୃତ୍ୟୁ ଖବର ମିଳିଥିଲା। ତେଣୁ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଇ ନ୍ୟାୟ ଦିଆଯାଉ ବୋଲି ଦାବି କରିଛନ୍ତି ମନୋରଞ୍ଜନ।ସେହିପରି ସାଗରିକାଙ୍କ ମା' ଉଷାରାଣୀ କହିଛନ୍ତି, ଝିଅକୁ ଦୁଇଦିନ ତଳେ ଫୋନ୍ କରିଥିଲେ। ଭଲମନ୍ଦ ପଚରାରିବା ବେଳେ ଝିଅ ମନ ଦୁଃଖ କରିଥିଲା। ଥାନା ଅଧିକାରୀ ହରାସ କରୁଥିବା କହିଥିଲା। ସେ ଏହାର ପ୍ରତିବାଦ କରିପାରୁ ନ ଥିବା ମଧ୍ୟ ଜଣାଇଥିଲା। ତେଣୁ ଏହି ଘଟଣାର ତଦନ୍ତ କରି ନ୍ୟାୟ ଦିଆଯାଉ।ସୂଚନା ଥାଉକି, ସାଗରିକା ଦେଢ଼ ବର୍ଷ ହେବ ଜି. ଉଦୟଗିରି ଥାନାରେ ସବ୍‌ଇନ୍‌ସପେକ୍ଟର ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ସରକାରୀ ବାସଭବନରେ ଏକୁଟିଆ ରହୁଥିଲେ। ଏହି ସରକାରୀ ବାସଭବନରୁ ତାଙ୍କ ମୃତଦେହ ଆଜି ସକାଳେ ଉଦ୍ଧାର କରାଯାଇଥିଲା।ସେପଟେ ଏଭଳିଅଭିଯୋଗ ଆସି ନ ଥିବା କହିବା ସହ ସାଗରିକାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଦିଆଯାଇଥିବା କହିଛନ୍ତି ଜି. ଉଦୟଗିରି ଏସ୍‌ଡିପିଓ ଡି. ତିରୁପତି ରାୟ।

## ଶ୍ରୀ ଜଗନ୍ନାଥଙ୍କୁ ସପ୍ତପୁରୀ ଭୋଗ ଲାଗି

ପୁରୀ, ୨୭।୮(ପି.ଏନ): ଆଜି ସପ୍ତପୁରୀ ଅମାବାସ୍ୟା। ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା କୁଶୋତ୍ପାଟିନୀ ଅମାବାସ୍ୟା ବା କୁଶଗ୍ରହଣୀ ଅମାବାସ୍ୟା" ଭାବରେ ପାଳନ କରାଯାଏ। ଓଡ଼ିଶାରେ ପାଳନ କରାଯାଏ ବାର ମାସରେ ତେର ପର୍ବ ଏବଂ ଏହା ବ୍ୟତୀତ ଥାଏ ଅନେକ ଗୁଡିଏ ନୀତିକାନ୍ତି। ଓଡ଼ିଶାର ଆରାଧ୍ୟ ଦେବତାଙ୍କୁ କେନ୍ଦ୍ର କରି ବିଭିନ୍ନ ପର୍ବପର୍ବାଣୀ ପାଳିତ ହୁଏ। ଏସବୁ ପାର୍ବଣ ଦିନ ମାନଙ୍କରେ ହୋଇଥାଏ ସ୍ୱତନ୍ତ୍ର ନୀତି ନିୟମ ଶ୍ରୀମନ୍ଦିରରେ। ଏହି ଅମାବାସ୍ୟା ତିଥିରେ ଓଡ଼ିଆ ଜାତିର ଆରାଧ୍ୟ ଭଗବାନ ଶ୍ରୀ ଜଗନ୍ନାଥଙ୍କଠାରେ ସପ୍ତପୁରୀ ଭୋଗ ଲାଗି ହୋଇଛି। ଶ୍ରୀଜୀଉଙ୍କର ଏହି ଦିନ ବିଶେଷ ପୂଜାନୀତି ଅନୁଷ୍ଠିତ ହେବା ସହ ସେବାୟତଙ୍କଦ୍ୱାରା ଏକ ବଡ଼ "ସପ୍ତପୁରୀ" (ସାତପୁରୀ) ପ୍ରସ୍ତୁତ କରାଯାଇ ଠାକୁରଙ୍କଠାରେ ଭୋଗଲାଗି ହୋଇଛି। ଏହାକୁ "ସପ୍ତପୁରୀ ତାଡ଼" ମଧ୍ୟ କୁହାଯାଇଥାଏ। ଏହି ଦିନ ଶ୍ରୀ ନୀଳମାଧବଙ୍କ ପାଖରେ ମଧ୍ୟ ସାତପୁରୀ ପିଠାର ଭୋଗ ଲାଗି ହୋଇଛି। ସପ୍ତପୁରୀ ଅମାବାସ୍ୟା ପୂର୍ବଦିନ ଅଠରନଳା ନିକଟରେ ଅବସ୍ଥିତ ଭଗବତୀ ମା ଆଲାମଚଣ୍ଡୀ ମନ୍ଦିରରୁ ସପ୍ତପୁରୀ ଭୋଗ ପାଇଁ ଆବଶ୍ୟକ ତାଡ ଶ୍ରୀମନ୍ଦିରରେ ପହଁଚି ଚତୁଃପାର୍ଶ୍ୱ ବୁଲି ତାଡ ଗୁଡିକ ରୋଷ ବେହେରଣରେ ରଖାଯାଇଥିଲା। ଗତକାଲି ସନ୍ଧ୍ୟା ଧୂପ ସରିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଏକ ପଟୁଆରରେ ଶ୍ରୀମନ୍ଦିର ବାହାରେ ଥିବା ଦକ୍ଷୀଣକାଳି ମନ୍ଦିରକୁ ଯାଇଥିଲେ। ଆଜି ସପ୍ତପୁରୀ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ଅବକାଶ ନୀତି ବଢ଼ିବା ପରେ ତିନି ବାଡ଼ରେ ବେଶ ହୋଇଥିଲା। ତଡ଼ାଉ ୬ ମୂର୍ତି ଲାଗି ହେବା ପରେ ଗୋପାଳ ବଲ୍ଲଭ ସମ୍ପନ୍ନ ହୋଇଥିଲା। ଏହା ପୂର୍ବରୁ ରୋଷ ଘରେ ସପ୍ତପୁରୀ ପ୍ରସ୍ତୁତ ହୋଇ ଭୋଗ ଉପରେ ଶଙ୍ଖ, ଚକ୍ର, ହଳ, ମୂସଳ, ଦଡକୀ ପିଠା ଉପରେ ପ୍ରସ୍ତୁତ ହୋଇଥିଲା। ତତ୍ପରେ ପାଣି ପଡ଼ି ଟେରା ବନ୍ଧା ହୋଇ ସକାଳ ଧୂପ ସହ ସାତପୁରୀ ଭୋଗ ତାଟ ମଧ୍ୟ ରୋଷରୁ ଘଂଟ, ଛତ୍ର, କାହାଳୀ ସହ ତଳିଛ, ପ୍ରଧାନୀ ପଟୁଆରରେ ଛାମୁକୁ ଆସିଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରାଇଥିଲେ। ଭିତରେ ଆଳତୀ ବଢ଼ିବା ପରେ ପଣ୍ଡା, ପତି ଓ ମୁଦିରସ୍ତ ତିନି ବାଡ଼ରେ ବନ୍ଦାପନା କରିଥିଲେ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ପୁରୀ ସଦର ବ୍ଲକ କିଷାନ କଂଗ୍ରେସର ଚିନ୍ତନ ବୈଠକ

ଭୁବନେଶ୍ୱର (ପିଏନ୍)- ପୁରୀ ଜିଲ୍ଲା କଂଗ୍ରେସ କମିଟିର ପୁରୀ ସଦର ବ୍ଲକ କିଷାନ କଂଗ୍ରେସର ଚିନ୍ତନ ବୈଠକ ପୁରୀ ବାଟମଙ୍ଗଳାଙ୍କଠାରେ ବ୍ଲକ କିଷାନ କଂଗ୍ରେସର ସଭାପତି ସୁରେନ୍ଦ୍ର ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଜେଡ଼ି ଓ ବିଜେପି ସରକାରର ଚାଷୀମାରଣ ନୀତିକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । କାରଣ ସବୁ କ୍ଷେତ୍ରରେ ଚାଷୀର ସ୍ୱରକୁ ଚପାଇ ଦିଆଯିବା ସହିତ ବାରମ୍ବାର ଅଣଦେଖା କରାଯାଉଛି । ଚାଷୀ ତାର ହକ୍ ମାଗିଲେ ସରକାର ବିଭିନ୍ନ ଦିଗରେ ଏହାକୁ ଭଣ୍ଡାଇ ଭୁତାଇ ଚାଲିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ସଦର ବ୍ଲକର ୩୨ଟି ପଞ୍ଚାୟତର ଚାଷୀକୁଳ ସବୁଦିଗରୁ ବଞ୍ଚିତ । କୃଷି, ଉଦ୍ୟାନ, ମୃତ୍ତିକା, ମତ୍ସ୍ୟ ଓ ପଶୁପାଳନ ଓ ସମବାୟ ଓ ଖାଉଟି କଲ୍ୟାଣ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ଜରିଆରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକରେ ବ୍ୟାପକ ଜାଲିଆତି କରାଯିବା ସହିତ ଚାଷୀ ତା'ର ହକ୍ ମାଗିଲେ ସହାୟତା ପାଇବା ତ ଦୂରର କଥା, ସରକାର ଓ ଜିଲ୍ଲା ପ୍ରଶାସନ ଏହାକୁ ବାରମ୍ବାର ଏଡ଼ାଇଦେଇ ଚାଲିଛନ୍ତି ବୋଲି ଉପସ୍ଥିତ ଚାଷୀମାନେ ଅଭିଯୋଗ କରିଥିଲେ । ବର୍ତ୍ତମାନ ପାଣି ଘେରରେ ଥିବା ବିପନ୍ନ ଲୋକଙ୍କୁ ଉଦ୍ଧାର କରା ନ ଯିବା କିମ୍ବା ଆବଶ୍ୟକ ସହାୟତା ଯୋଗାଇ ଦିଆ ଯାଉନାହିଁ । ଶହ ଶହ ହେକ୍ଟର ଚାଷଜମିରେ ପାଣି ବୁଡ଼ିଯାଇଛି । ଚାଷୀ ଏବେ ଅଣ୍ଟା ସଳଖିବା କାଠିକର ପାଠ । ସରକାର ତୁରନ୍ତ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ କରି ପ୍ରତି ଏକର ପିଛା ଚାଷୀଙ୍କୁ ୩୦ ହଜାର ଟଙ୍କା ସହାୟତା, କୃଷି ଋଣ ଛାଡ଼, ସଅଳ କିଷମ ବିଭିନ୍ନ ତୈଳବୀଜ ଜାତୀୟ ବିହନ ଯୋଗାଇ ଦେବାକୁ ଦାବୀ କରାଯାଇଛି । ସରକାରଙ୍କ ଘୋଷିତ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ସଂଖ୍ୟାଧିକ ପ୍ରକୃତ ଚାଷୀ ବାଦ୍ ପଡ଼ିଛନ୍ତି । ଶୀତଳଭଣ୍ଡାରର ସୁବିଧା ନ ଥିବା ହେତୁ ପନିପରିବା ଚାଷୀ ବହୁ କ୍ଷତିଗ୍ରସ୍ତ । ଚାଷୀ ଧାନରେ ସର୍ବନିମ୍ନ ସହାୟକ ମୂଲ୍ୟ ପାଉନାହିଁ । ଫଳରେ ଅଭାବୀ ବିକ୍ରିର ଶିକାର ହେଉଛି । ତେଣୁ ପଞ୍ଚାୟତଦ୍ୱାରୀ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଚିହ୍ନଟ ଏବଂ ପ୍ରତି ପଞ୍ଚାୟତସ୍ତରରେ କିଷାନ କଂଗ୍ରେସ ସଂଗଠନକୁ ସୁଦୃଢ଼ କରାଯିବା ସହିତ ଆଗାମୀ ଏକମାସ ମଧ୍ୟରେ ସଦର ବ୍ଲକସ୍ତରରେ ୩୨ ପଞ୍ଚାୟତର କିଷାନ କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ନେଇ ବ୍ଲକସ୍ତରୀୟ କିଷାନ ଚିନ୍ତନ ଶିବିର ଆୟୋଜନ କରାଯିବ । ଚାଷୀମାନଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବ୍ଲକ, ତହସିଲ, ସର୍ବୋପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୃଥକ ପୃଥକ ଭାବେ ଚାଷୀ ବିକ୍ଷୋଭ, ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ କରାଯିବାକୁ ରଣନୀତି ପ୍ରସ୍ତୁତ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଭାପତି ଭଗବାନ ଜେନା, ସଦର ବ୍ଲକ କଂଗ୍ରେସ କମିଟି ସଭାପତି ଅବିନାଶ ମିଶ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ଉତ୍ତମ ଆଚାର୍ଯ୍ୟ, କିଷାନ କଂଗ୍ରେସ ରାଜ୍ୟ ଆବାହକ ଅମୀୟ ମହାପାତ୍ର, ଜଟାଧାରୀ ସ୍ୱାଇଁ ପ୍ରମୁଖ ବିଭିନ୍ନ ପଞ୍ଚାୟତର ଚାଷୀ ପ୍ରତିନିଧିମାନେ ଉପସ୍ଥିତ ରହି ସେମାନଙ୍କ ଅଞ୍ଚଳର ବିଭିନ୍ନ ଚାଷୀ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ ।

# ଟାଟାଷ୍ଟିଲ ସହାୟତାରେ ଯୋଡ଼ାଠାରେ ପ୍ରଧାନମନ୍ତ୍ରୀ ଶ୍ରମଯୋଗି ମନଧନ ଯୋଜନାର ନାମାଙ୍କନ ଅଭିଯାନ




ଯୋଡ଼ା (ପିଏନ୍): ଭାରତ ସରକାରଙ୍କ ଦ୍ୱାରା ଅସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ପାଇଁ ଆରମ୍ଭ କରାଯାଇଥିବା ଏକ ଭତ୍ତା ଯୋଜନା ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମନଧନ ଯୋଜନା (ପିଏମ୍ଏସ୍ୱାଇଏମ୍)କୁ ନେଇ କେନ୍ଦୁଝର ଜିଲ୍ଲାର ଯୋଡ଼ାଠାରେ ପ୍ରବଳ ଉତ୍ସାହ ଦେଖାଯାଉଛି । ଟାଟାଷ୍ଟିଲର ସିଏସ୍ଆର ସଂସ୍ଥା ଟାଟାଷ୍ଟିଲ ଫାଉଣ୍ଡେସନ୍ (ଟିଏସ୍ଏଫ୍) ସହଯୋଗରେ ଏହି ଯୋଜନା ପାଇଁ ଲୋକମାନଙ୍କୁ ସଚେତନ କରିବା ସହିତ ୪୭୧ ଜଣ ହିତାଧିକାରୀଙ୍କୁ ଏଥିରେ ପଂଜିକୃତ କରାଯାଇଛି । ଏହି ୩ ଦିନିଆ ଅଭିଯାନରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସହିତ ଯୋଡ଼ା, କଲମାଙ୍ଗ ଓ ଗନ୍ଧଲପଦାର ଦୂରଦୂରାନ୍ତ ଗ୍ରାମରୁ ଅସଂଗଠିତ କ୍ଷେତ୍ରରୁ ଲୋକମାନେ ଏହି ଯୋଜନାର ସୁଫଳ ପାଇବା ପାଇଁ ନିଜ ନାମ ପଂଜିକରଣ କରିଛନ୍ତି । ଯୋଡ଼ା, ଝିଲିଙ୍ଗଦର ଓ କଲମାଙ୍ଗରେ ପଂଜିକରଣ କାଉଣ୍ଟର ଓ ହେଲ୍ପଡେସ୍କ ସ୍ଥାପନ ବ୍ୟତୀତ ଏହି ଯୋଜନା ଅନ୍ତର୍ଗତ ଭତ୍ତା ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଏଥିରେ ସାମିଲ କରିବା ନିମନ୍ତେ ଟାଟାଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଦୁର୍ଗମ ଅଞ୍ଚଳର ଲୋକମାନଙ୍କ ଘର ନିକଟରେ ପହଞ୍ଚିବା ସହିତ ସେମାନଙ୍କୁ ଏହାର ସୁଫଳ ବିଷୟରେ ସଚେତନ କରାଯାଇଥିଲା । ମାସିକ ଆୟ ୧୫,୦୦୦ଟଙ୍କାରୁ କମ୍ ଥିବା ବୟସ୍କ ଲୋକଙ୍କ ସୁରକ୍ଷା ଓ ଅଣସ୍ୱୀକୃତିପ୍ରାପ୍ତ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପାଇଁ ପିଏମ୍ଏସ୍ୱାଇଏମ୍ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଗଦାନକାରୀ ଭତ୍ତା ଯୋଜନା ଅନ୍ତର୍ଗତ ହିତାଧିକାରୀମାନଙ୍କ ୬୦ବର୍ଷ ବୟସ ପରେ ମାସକୁ ସର୍ବନିମ୍ନ ୩୦୦୦ ଟଙ୍କାର ଭତ୍ତା ପାଇପାରିବେ । ହିତାଧିକାରୀଙ୍କ ମୃତ୍ୟୁ ହେବା କ୍ଷେତ୍ରରେ ତାଙ୍କର ପତି ବା ପତ୍ନୀ ପାରିବାରିକ ଭତ୍ତା ଭାବରେ ଏହି ଭତ୍ତାର ୫୦ ପ୍ରତିଶତ ଟଙ୍କା ପାଇବାକୁ ହକ୍‌ଦାର ହେବେ ।

# ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଅନ୍ତର୍ଜାତୀୟ ଜନଜାତି ଦିବସ ପାଳିତ



ଯୋଡା (ପିଏନ୍): ଟାଟା ଷ୍ଟିଲର ସିଏସ୍ଆର ସଂସ୍ଥା ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଗୁଆଲି ପଞ୍ଚାୟତର ଗନ୍ଧଲପଦା ଗ୍ରାମରେ ଅନ୍ତର୍ଜାତୀୟ ଜନଜାତି ଦିବସ ପାଳିତ ହୋଇଯାଇଛି । ପ୍ରବଳ ବର୍ଷା ସତ୍ତ୍ୱେ ପାର୍ଶ୍ୱବର୍ତ୍ତୀ ଗ୍ରାମ ଓ ଏହି ଦୁର୍ଗମ ପାହାଡ଼ିଆ ଅଞ୍ଚଳରୁ ଶତାଧିକ ଲୋକ ଏହି ଦିବସ ପାଳନ କରିବା ପାଇଁ ଗ୍ରାମରେ ଏକତ୍ରିତ ହୋଇଥିଲେ । ପାରମ୍ପରିକ ଓ ରଙ୍ଗୀନ ପୋଷାକ ପରିଧାନ କରି ସେମାନେ ଏକ ଆକର୍ଷଣୀୟ ସଂଗୀତ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସହୃଦୟତାର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷର ବିଷୟବସ୍ତୁ 'ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ସଂଚାରଣରେ ଜନଜାତି ମହିଳାମାନଙ୍କ ଭୂମିକା' ଉପରେ ଉଦ୍‌ବୋଧନ ଦେଇ ସ୍ଥାନୀୟ ଛାତ୍ରନେତା ସୁନୀଲ ସୁଣ୍ଡି କହିଥିଲେ ଯେ ପୈତୃକ ଜ୍ଞାନର ସଂରକ୍ଷଣରେ ଜନଜାତି ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଯାହା ସମାଜକୁ ସେମାନଙ୍କର ମହତ୍ୱ ବିଷୟରେ ବୁଝିବାରେ ସହାୟତା କରିପାରିବ । ଏକ ସାମାଜିକ କର୍ମୀ ଜମାଦାର ମୁଣ୍ଡା କହିଛନ୍ତି ଯେ, ମହିଳାମାନେ ପାରମ୍ପରିକ ପ୍ରାକୃତିକ ସମ୍ବଳ ଏବଂ ଜନଜାତି ଅଞ୍ଚଳକୁ ସୁରକ୍ଷା ଦେବା ବ୍ୟତୀତ ସମଗ୍ର ବିଶ୍ୱରେ ଜନଜାତିଙ୍କ ଅଧିକାରକୁ ପ୍ରତିପାଦିତ କରିଥାନ୍ତି । ଜନଜାତି ଓ ଆଦିବାସୀ ସଂସ୍କୃତି ଏବଂ ଗୋଷ୍ଠୀ ଆମ ଉତ୍ପତ୍ତିକୁ ପ୍ରତିଫଳିତ କରିବାରେ ସାହାଯ୍ୟ କରନ୍ତି । ଜନଜାତି ଲୋକଙ୍କ ଦ୍ୱାରା ଅର୍ଜିତ ଜ୍ଞାନର ସାଂସ୍କୃତିକ ଏବଂ ବୈଜ୍ଞାନିକ ସଜ୍ଞାନ ନିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହାପୂର୍ବରୁ ଦିନର ପ୍ରାରମ୍ଭରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ବାଇକ୍ ର୍ୟାଲିର ଆୟୋଜନ କରାଯାଇଥିଲା, ଯେଉଁଥିରେ ଏହି ସ୍ୱତନ୍ତ୍ର ଦିନକୁ ପାଳନ କରିବା ପାଇଁ ବହୁସଂଖ୍ୟାରେ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ । ଏହି ଦିନ ପାଳନ ଅବସରରେ ମହିଳାମାନେ ପାରମ୍ପରିକ ଖାଦ୍ୟ ଓ ପନିପରିବା ପ୍ରଦର୍ଶିତ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କଲମାଙ୍ଗ ଓ ଗନ୍ଧଲପଦା ଖଣି ଚିଫ୍ ଦୀପକ ବେହେରା, ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର ଶାଖା ମୁଖ୍ୟ ସଂଜୟ ସରଦାର, ସ୍ଥାନୀୟ ନେତା ଝରିଆ ମୁଣ୍ଡା, ଚରଣ ମୁଣ୍ଡା ଏବଂ ମାନସିଂହ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଅବକାରୀ ଚଢ଼ାଉ, ବିପୁଳ ମଦ ସହ ୫ ଗିରଫ

କେନ୍ଦୁଝର (ପିଏନ୍): ଅବକାରୀ କମିଶନରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଅବକାରୀ ଅଧିକ୍ଷକ ନାରାୟଣ ମେହେରଙ୍କ ତତ୍ତ୍ୱାବଧାନରେ ଚନ୍ଦନ କୁମାର ମଣ୍ଡଳ ଓ ମୋବାଇଲ୍ ସ୍କ୍ୱାର୍ଡଙ୍କ ସହ ସଦର ଥାନା ଅନ୍ତର୍ଗତ ଘଟୁରୁ ଗ୍ରାମରେ ଚଢାଉ କରି ୧୮ପେଟିରେ ୧୬୧.୨୫୦ ଲିଟର ଚୋରା ଶୁଳ୍କ ପଇଠହୀନ ବିଦେଶୀ ମଦ ଯାହାକି ଅରୁଣାଚଳ ପ୍ରଦେଶରେ ବିକ୍ରୀ ପାଇଁ ଉଦ୍ଦିଷ୍ଟ ତାକୁ ଜବତ କରିବା ସହ ପଙ୍କଜ କୁମାର ସେଠୀ ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ଏହାଛଡ଼ା ପାଟଣା ଥାନା



ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫୩ ଲିଟର ଦେଶୀ ମହୁଲି ମଦ ସହ ୪ଜଣଙ୍କୁ ଗିରଫ କରିଛି ଅବକାରୀ ପୋଲିସ୍ । ଏହି ଚଢ଼ାଉରେ ମୋବାଇଲ୍ ସ୍କ୍ୱାର୍ଡ କେନ୍ଦୁଝର, ଚମ୍ପୁଆ, ଝୁମ୍ପୁରା, ଘଟଗାଁର ଅବକାରୀ ବିଭାଗ ସହ ଟାଉନ୍ ଥାନା ପୋଲିସ୍ ସାମିଲ ଥିଲେ । ପଙ୍କଜ ଉପରେ ଅବକାରୀ ନିରୀକ୍ଷକ ଅନେକ ଦିନରୁ ନଜର ରଖି ଆସୁଥିବା ବେଳେ ତାଙ୍କୁ ଘଟୁରୁରୁ ୧୮ପେଟି ମଦ ସହ ଗିରଫ କରିବା ପାଇଁ ସକ୍ଷମ ହୋଇଥିଲେ । ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ଚନ୍ଦନ କୁମାର ମଣ୍ଡଳଙ୍କ ସହ ଝୁମ୍ପୁରା ଅବକାରୀ ଅଧିକାରୀ ଗୋବିନ୍ଦ ନାଏକ, ଘଟଗାଁର ଗୋକୁଳ ଧର ଓ ରଂଜନ କୁମାର ସାହୁ, କେନ୍ଦୁଝରର ରଂଜନ ପାତ୍ର, ଚମ୍ପୁଆର ରଶ୍ମିତା ବେହେରା ଓ ଜନାର୍ଦ୍ଦନ ପଲେଇ ଏବଂ ତାଙ୍କ ସହ ନମିତା ନାଏକ, କୃଷ୍ଣ ସେଠୀ, ଦିପ୍ତୀ ବେହେରା, ପୂଜା ବେହେରା, ରଶ୍ମୀ ମହାନ୍ତ, ଲକ୍ଷ୍ମଣ ନାଏକ ଏବଂ ବଳଭଦ୍ର ରାଉତ ପ୍ରମୁଖ ସାମିଲ ଥିଲେ ।

# ଓଷା ବ୍ରତର ମାହାତ୍ମ୍ୟ ଓ ଖୁଦୁରୁକୁଣୀ ଓଷା

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ମାନବର ସୁଖ ଓ ସମୃଦ୍ଧି ନିମନ୍ତେ ଓଷା ଓ ବ୍ରତ କଥା ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ପ୍ରାଚୀନ ଉତ୍କଳ ବିଭିନ୍ନ ସମୟରେ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ବୌଦ୍ଧ ଓ ଜୈନ ଧର୍ମ ପରି ବହୁ ଧର୍ମ ଦର୍ଶନର ସଂସ୍ପର୍ଶରେ ଆସିଅଛି । ଫଳତଃ ବହୁ ଗୋଷ୍ଠୀ ଦ୍ୱାରା ବହୁପ୍ରକାରର ଦେବଦେବୀ ଆରାଧନା ପ୍ରଣାଳୀ ଏଠାରେ କ୍ରମେ ବିକାଶଲାଭ କରିଛି । ଓଡ଼ିଶାରେ ଦେଖାଯାଉଥିବା ଓଷା ଓ ବ୍ରତ ମଧ୍ୟରେ କେତେକ ପାର୍ଥକ୍ୟ ଦେଖାଯାଏ । ବ୍ରତଗୁଡ଼ିକ ସାଧାରଣତଃ ଶାସ୍ତ୍ରାନୁମୋଦିତ ଏବଂ ଏହାର ସମୟ ଓ ବିଧାନ ଇତ୍ୟାଦି ପ୍ରଣାଳୀବଦ୍ଧ । ଏହାର ସଂକଳ୍ପ ଓ ପୂଜା ନିମନ୍ତେ ବ୍ରାହ୍ମଣ ଆବଶ୍ୟକ ହୋଇଥାଏ କିନ୍ତୁ ଓଷା ପାଳନ ନିମନ୍ତେ ବ୍ରାହ୍ମଣ ଅନିବାର୍ଯ୍ୟ ନୁହନ୍ତି । ଅଭିଷ୍ଟ ସିଦ୍ଧି ପାଇଁ ଜାତି, ଧର୍ମ ନିର୍ବିଶେଷରେ ଉପବାସ ଓ ସଂଯତ ଆଚରଣ ଦ୍ୱାରା ଏହାକୁ ନାରୀ ନିଜେ



କରିପାରନ୍ତି । ଓଷାବ୍ରତର ପାଳନ କର୍ତ୍ତା ପୃଥକ୍ ଥିବା ଦେଖାଯାଏ । କେତେକ ସ୍ତ୍ରୀ (ସଧବା), କେତେକ କୁମାରୀ କନ୍ୟା ଓ କେତେକ ସ୍ତ୍ରୀ ପୁରୁଷ ଉଭୟ ପାଳନ କରୁଥିବା ଦେଖାଯାଏ । ଏହି ଓଷା ବ୍ରତ ପାଳନ ଅବସରରେ ଆଖ୍ୟାୟିକା ପଠନ କରାଯାଏ । ଆରାଧ୍ୟ ଦେବତାଙ୍କ ଅଲୌକିକ ଶକ୍ତି ସଂପର୍କିତ ଏହି କାହାଣୀ ସାଧାରଣ ପାଠକଙ୍କୁ ଆମୋଦିତ କରିବା ସହ ଦେବତାଙ୍କ ପ୍ରତି ଭୟ ଓ ଭକ୍ତି ସୃଷ୍ଟି କରିଥାଏ । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ରଷ୍ଟାଙ୍କ ଦ୍ୱାରା ସୃଷ୍ଟିଲାଭ କରିଥିବା ହେତୁ ଓଷାବ୍ରତର ଶୈଳୀ ତଥା ଉପସ୍ଥାପନା ପ୍ରଣାଳୀ ଭିନ୍ନ ହେବା ସ୍ୱାଭାବିକ । ଏପରିକି ପୂଜା ପ୍ରଣାଳୀ ଓ ପୂଜା ନିମନ୍ତେ ଆବଶ୍ୟକ ଉପକରଣ ମଧ୍ୟ ଭିନ୍ନ ହୋଇଥିବା ଦେଖାଯାଏ ।

ମୁଖ୍ୟତଃ ଓଷାବ୍ରତ ଗୁଡ଼ିକରେ ଗଣେଶ, ସୂର୍ଯ୍ୟ, ଶିବ, ବିଷ୍ଣୁ ଓ ଦୁର୍ଗା- ଏହି ପଞ୍ଚ ଦେବତା ପ୍ରମୁଖ ସ୍ଥାନ ଅଧିକାର କରିଥାନ୍ତି । ବିଷ୍ଣୁଙ୍କ ବିଭିନ୍ନ ରୂପକୁ କେନ୍ଦ୍ରକରି ଓଡ଼ିଶାରେ ଏକାଦଶୀ ବ୍ରତ, ଅନନ୍ତ ବ୍ରତ, ଜନ୍ମାଷ୍ଟମୀ, ବାମନ ବ୍ରତ, ପଞ୍ଚକ ବ୍ରତ, ନୃସିଂହ ଚତୁର୍ଦ୍ଦଶୀ, ଭୋଦେଇ ଓଷା, ଶ୍ରୀରାମ ନବମୀ, ବିଷ୍ଣୁ ପଞ୍ଚକ, ସତ୍ୟନାରାୟଣ ବ୍ରତ, ଲକ୍ଷ୍ମୀନାରାୟଣ ବ୍ରତ ଇତ୍ୟାଦି ଓଷା ଓ ବ୍ରତ ଦେଖାଯାଏ । ଠିକ୍ ସେହିପରି ଶିବ ଓ ପାର୍ବତୀଙ୍କୁ କେନ୍ଦ୍ର କରି- ଶିବ ଚତୁର୍ଦ୍ଦଶୀ, ବାଲିତୃତୀୟା ବ୍ରତ, ସୋମବାର ବ୍ରତ, କେଦାର ବ୍ରତ, ସୋମନାଥ ବ୍ରତ ଆଦି ପାଳନ କରାଯାଇଥାଏ ।

ବିଷ୍ଣୁ ଓ ଶିବଙ୍କ ପରି ଶକ୍ତି ପୂଜାର ପରମ୍ପରା ଓଡ଼ିଶାରେ ବ୍ୟାପକ ପ୍ରଚଳିତ । ଶକ୍ତି ଆରାଧନା ନିମନ୍ତେ ମୁଖ୍ୟତଃ ମା' ମଙ୍ଗଳା, ମହାଲକ୍ଷ୍ମୀ ପୂଜା, ଦୁର୍ଗାଷ୍ଟମୀ ବ୍ରତ, ତାରିଣୀ ବ୍ରତ, ଦୁତିଆ ଓଷା, ଗୁରୁବାର ବ୍ରତ, ସୁଦଶା ବ୍ରତ, ଜହ୍ନି ଓଷା, ମଙ୍ଗଳ ସଂକ୍ରାନ୍ତି, ଚୈତ୍ର ମଙ୍ଗଳବାର, ଖୁଦୁରୁକୁଣୀ ଓଷା, ବଜ୍ରମହାକାଳୀ, ସାବିତ୍ରୀ ବ୍ରତ, ବାଲି ତୃତୀୟା, ଷଷ୍ଠୀ ଓଷା, ସୀତା ନବମୀ ଇତ୍ୟାଦି ପାଳିତ ହୁଏ ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ସମଗ୍ର ଭାରତରେ ସୌର ଉପାସନାର ପ୍ରାଧାନ୍ୟ ଅନୁଭୂତ ହୁଏ । ଓଡ଼ିଶାରେ ଏହାର ପ୍ରଭାବ ଅଷ୍ଟମ ନବମ ଶତାବ୍ଦୀ ବେଳକୁ ବିଶିଷ୍ଟ ସ୍ଥାନ ଅଧିକାର କରିଥିବା ଦେଖାଯାଏ । ସୂର୍ଯ୍ୟ ଉପାସନା ଧାରାରେ ଓଡ଼ିଶାରେ - ରବିନାରାୟଣ ବ୍ରତ, ବିରଞ୍ଚି ନାରାୟଣ ବ୍ରତ, ପୌଷ ରବିବାର, ଉଜିଆ ରବିବାର ବ୍ରତ ପାଳିତ ହେଉଥିବା ଦେଖାଯାଏ ।

ଆଦ୍ୟ ଦେବତା ଭାବରେ ଗଣେଶ ସର୍ବତ୍ର ପୂଜିତ । ସିଦ୍ଧିଦାତା ଓ ବିଦ୍ୟାଦାତା ଭାବରେ ଗଣେଶଙ୍କୁ ଆଧାର କରି ବିନାୟକ ବ୍ରତ ପାଳିତ ହୁଏ । ସେହିପରି ଶନିଙ୍କ ନିମନ୍ତେ ଶନି ଓଷା, ଯମଙ୍କ ନିମନ୍ତେ ବାଟ ଓଷା, ଚନ୍ଦ୍ର ଆରାଧନା ନିମନ୍ତେ ଚନ୍ଦ୍ର ଓଷା, ଜହ୍ନିଓଷା, ଋଷି ପଞ୍ଚମୀ ବ୍ରତ ବିଧାନ ଦେଖାଯାଏ । ନାଗଦେବତା ନିମନ୍ତେ ନାଗଲ ଚଉଠି ବ୍ରତ ଆଦି ଓଡ଼ିଶାରେ ପାଳିତ ହେଉଥିବା ଦେଖାଯାଏ ।

ଓଷାବ୍ରତକୁ ଅନୁଧ୍ୟାନ କଲେ ଏହାର ସୃଷ୍ଟି ଅନ୍ତରାଳରେ କିମ୍ବଦନ୍ତୀ, ଲୋକବିଶ୍ୱାସକୁ ଦେଖିହୁଏ । ସୁସଂହତ ସାମାଜିକ ଜୀବନର ବିକାଶ ସହ ଗତାନୁଗତିକ ଜୀବନଧାରାରୁ ଭିନ୍ନ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି ନିମନ୍ତେ ଜନ୍ମଲାଭ କରିଛି ଓଷା ଓ ବ୍ରତ କଥା । ଆଧ୍ୟାତ୍ମିକ ବିକାଶ, ନୈତିକ ମାନବୃଦ୍ଧି ଏବଂ ସାମାଜିକ ସଂହତିକୁ ଏହି ପରମ୍ପରା ଅନ୍ତରାଳରେ ଲକ୍ଷ୍ୟ କରିହୁଏ । ଲୋକାଚାର ଓ ଲୋକବିଶ୍ୱାସ ସହ



ସଂଯୋଜିତ ଏହି ଓଷାବ୍ରତ ଦୁର୍ବିପାକରୁ ମୁକ୍ତିଲାଭ ପାଇଁ ମାନବକୁ ଯୋଗାଇଥାଏ ପ୍ରେରଣା । ସେହି ଧାରାରେ ସାମୂହିକ ଆବେଗ, କଳ୍ପନା, ବିଶ୍ୱାସ ଓ ଚଳଣିକୁ ଆଧାର କରି ଗଢ଼ି ଉଠିଥିବା ଖୁଦୁରୁକୁଣୀ ଓଷା ଅନ୍ୟତମ । ଯାହା ଭାଦ୍ରବ ମାସର ପ୍ରତି ରବିବାରେ ପାଳିତ ହେବା ସହ ଓଡ଼ିଆଙ୍କ ବିଶ୍ୱାସବୋଧକୁ ବହୁଳ ଭାବେ ପ୍ରଭାବିତ କରିଆସିଛି । ଏହି ଓଷାର ଆରାଧ୍ୟ ମା' ମଙ୍ଗଳା । ଅନୂଢ଼ା କୁମାରୀ ଓ ସଧବା ବୋହୂମାନେ ନିଜ ନିଜର ଓ ପରିବାର ଶୁଭମନାସି ମା'ମଙ୍ଗଳାଙ୍କୁ ସ୍ଥାପନ କରିବା ସହ ଉପବାସ କରି ମଙ୍ଗଳା ଦେବୀଙ୍କୁ ସୁମରଣା କରିଥାନ୍ତି । ଏପରିକି ଏହି ଓଷା ସହ ସଂପର୍କିତ ସାତ ସାଧବ, ସାତ ବୋହୂ, ତଅପୋଇ ଓ ସାତ ବୋଇତର ଛବି ମଧ୍ୟ ଅଙ୍କାଯାଇଥାଏ । କାରଣ ଏହି ଓଷା ପାଳନ କରି ସାଧବ ଝିଅ ତଅପୋଇ କିପରି ମା' ମଙ୍ଗଳାଙ୍କ କୃପାରୁ ନିଜ ମନୋବାଞ୍ଛା ପୂରଣ କରିପାରିଛି ତାହାର ବର୍ଣ୍ଣନା ଶ୍ରୀକୃଷ୍ଣ ତାଙ୍କ ପାଟରାଣୀ ଓ ଦାସୀମାନଙ୍କୁ ଶୁଣାଇଛନ୍ତି ।

ଆଖ୍ୟାୟିକାଟି ଥିଲା-ତନୟ ନାମକ ସାଧବଙ୍କ ସାତ ପୁଅ ଓ ସାତ ବୋହୂ ସମେତ ଗୋଟିଏ ବୋଲି ଅଲିଅଳି ଝିଅ ତଅପୋଇ ଥିଲା । ସମସ୍ତଙ୍କ ଅମାପ ସ୍ନେହ, ଶ୍ରଦ୍ଧା ପାଇ ବଢ଼ିଥିବା ତଅପୋଇର କୌଣସିଟିରେ ଅଭାବ ନଥିଲା । ଏକଦା ବାଉଁଶ କୁଲେଇ ଓ ଟୋକେଇ ଧରି ଖେଳୁଥିବା ବେଳେ, ଜଣେ ବିଧବା ବ୍ରାହ୍ମଣୀର ପ୍ରରୋଚନାରେ ପଡ଼ି ସୁନାର କୁଲେଇ ଓ ଚାନ୍ଦ ପାଇଁ ତଅପୋଇ ଜିଦ୍ ଧରେ । ତା' ପାଇଁ ସୁନା ଚାନ୍ଦ ଓ କୁଲେଇ ତିଆରିରେ ଅଧା ଚାନ୍ଦ ବେଳେ ପିତା ଓ ପୁରା ଚାନ୍ଦେ ମାଆଙ୍କ ବିୟୋଗ ଘଟେ । ପରେ ପରେ ସାତଭାଇ ଅଲିଅଳି ଭଉଣୀ ତଅପୋଇର ଦାୟିତ୍ୱ ଭାଉଜମାନଙ୍କୁ ଦେଇ ବାଣିଜ୍ୟରେ ଯାଆନ୍ତି । କିନ୍ତୁ ପୁନଶ୍ଚ ସେହି ବ୍ରାହ୍ମଣୀର ପ୍ରରୋଚନାରେ ସାନଭାଉଜ ବ୍ୟତିରେକ ସମସ୍ତେ ତଅପୋଇକୁ ନିର୍ଯାତନା ଦିଅନ୍ତି । ସେ ବଣକୁ ଛେଳି ଧରି ଯାଏ । ବଡ଼ ଭାଉଜର ଛେଳି 'ଘରମଣି' ହଜେ । କିନ୍ତୁ ମା' ମଙ୍ଗଳାଙ୍କୁ ପୂଜା କରି ଛେଳିକୁ ଫେରି ପାଏ ଏବଂ ମା'ଙ୍କୁ ପୂଜା କରି ଭାଇମାନଙ୍କ ଫେରିଆସିବାକୁ ସୁମରଣା କଲା । ଭାଇମାନେ ଫେରି ଆସନ୍ତି । ଘୋର ବନରେ ଭାଇମାନଙ୍କ ସହ ସାକ୍ଷାତ ପରେ ନିଜର ଦୁଃଖ କହେ । ଭାଇମାନେ ତଅପୋଇକୁ ଗୋଟିଏ ତୀକ୍ଷ୍ଣ ଛୁରୀ ଦେଇ ବୋଇତରେ ମଙ୍ଗଳା ଠାକୁରାଣୀ ବେଶରେ ବସାଇଥିଲେ । ଭାଉଜମାନେ ବୋଇତ ବନ୍ଦାଇବାକୁ ଆସିବା ପରେ ଭାଇମାନଙ୍କ କହିବା ପ୍ରକାରେ ସାନ ଭାଉଜକୁ ଛାଡ଼ି ଅନ୍ୟ ସମସ୍ତଙ୍କ ନାକର ବଉଳି କାଟି ଯଥାର୍ଥ ଶାସ୍ତି ବିଧାନ କରିଛି ।

ପରବର୍ତ୍ତୀ ସମୟରେ ତଅପୋଇର ରତ୍ନାକର ନାମକ ସାଧବ ସହିତ ବିବାହ ସଂପନ୍ନ ହୋଇଥିଲେ ମଧ୍ୟ ଅଷ୍ଟମଙ୍ଗଳା ଦିନ ସେ ଗନ୍ଧର୍ବ ସହ ସ୍ୱର୍ଗପୁରକୁ ଚାଲିଯାଇଛି । କାରଣ ସେ ଥିଲା ଗନ୍ଧର୍ବ ପତ୍ନୀ ଜଣେ ଅପସ୍‌ରୀ । ପୂର୍ବ ଅଭିଶାପରୁ ଏଭଳି ସେ ଷୋଳବର୍ଷ ମର୍ତ୍ତ୍ୟ ଦଣ୍ଡ ଭୋଗ କରିଥିଲା ।

ଘଟଣା ଆଧାରରେ ଶ୍ରୀକୃଷ୍ଣ ମା' ମଙ୍ଗଳାଙ୍କ ମହିମା ଦର୍ଶାଇଛନ୍ତି । ଏଭଳି ଭାବେ ମା' ମଙ୍ଗଳାଙ୍କ ଅପାର କରୁଣା ଜାଣି ମା'ଙ୍କ ଖୁଦୁରୁକୁଣୀ ଓଷା ଅଦ୍ୟାବଧି ପାଳିତ ହୋଇ ଆସୁଅଛି । ଏହି ଓଷାରେ ମା' ମଙ୍ଗଳାଙ୍କୁ ଖୁଦ କୁଣ୍ଡାରେ ପିଠା କରି ତା' ଦେହରେ ଖୁଦ ତଣ୍ଡୁଳ ପୁର ଦେଇ ପୂଜା କରାଯାଉଥିବାରୁ ଏହାକୁ ଖୁଦୁରୁକୁଣୀ ଓଷା କୁହାଯାଏ । ଏହି ଓଷାର ଶେଷ ପାଳି ଦିନ ରାତି ପୂଜା ପରେ ଭୋରରୁ ପରିକ୍ରମା ସହ ଆନନ୍ଦଉଲ୍ଲାସ ସହକାରେ ବିସର୍ଜନ କରାଯାଇଥାଏ । ଏହି ଓଷା ଆମ ଭିତର ଧାର୍ମିକ ଚେତନା, ଏକତା ଓ ମୈତ୍ରୀଭାବ ସୃଷ୍ଟିରେ ବେଶ୍ ସହାୟକ ହେବାସହ ଆଧ୍ୟାତ୍ମିକ ବିଶ୍ୱାସବୋଧକୁ ସୁଦୃଢ଼ କରିଥାଏ । କାରଣ ଆମ ଜୀବନଧାରାର ପ୍ରାଥମିକ ଉତ୍ସ ହେଉଛି ଆଧ୍ୟାତ୍ମିକ ବିଶ୍ୱାସବୋଧ । ଯାହା ପ୍ରାଚୀନ ମାନବଠାରୁ ଆରମ୍ଭ କରି ଆଧୁନିକ ମାନବ ପର୍ଯ୍ୟନ୍ତ ବିକାଶର ପ୍ରତ୍ୟେକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ ।

*-ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଫୋନ୍: ୮୮୯୫୧୪୧୭୨୭*

# ଛକର ନାମ 'ନନ୍ଦିନୀ ଦେବୀ ଛକ'



ଭୁବନେଶ୍ୱର (ପିଏନ୍): ଓଡିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ୧୬ତମ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ନନ୍ଦିନୀ ଦେବୀ ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଜଣେ ପ୍ରବୀଣ ନାରୀନେତ୍ରୀ ଥିଲେ ବୋଲି କହିବା ସହିତ ତାଙ୍କ ପ୍ରତିମୂର୍ତ୍ତି ଥିବା ଛକର ନାମ 'ନନ୍ଦିନୀ ଦେବୀ ଛକ' ନାମରେ ନାମିତ କରି ସମସ୍ତେ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ, ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର, ପ୍ରସନ୍ନ ରଥ, ବାସନ୍ତୀ ତ୍ରିପାଠୀ, ସମରଂଜନ ମହାନ୍ତି, ଗୋପୀ ମୋହନ ପଟ୍ଟନାୟକ, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ବହୁ ସଦସ୍ୟା ସଦସ୍ୟ କାର୍ଯ୍ୟକ୍ରମରେ ଭାଗନେଇ ବରପୁତ୍ରୀଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

# ଚିତ୍ରଶିଳ୍ପୀ ରବିନାରାୟଣ ଦାସଙ୍କ ପରଲୋକ



ଖୋର୍ଦ୍ଧା (ପିଏନ୍)- ହାଇସ୍କୁଲରେ କଳା ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ପରେ ଜଣେ ଚିତ୍ରଶିଳ୍ପୀ ଭାବେ ସୁନାମ ଅର୍ଜନ କରିଥିବା ରବିନାରାୟଣ ଦାସଙ୍କର ୮୧ ବର୍ଷ ବୟସରେ ମଙ୍ଗଳାନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଉଷା ଦାସ, ଦୁଇ ପୁତ୍ର ହିମାଂଶୁଶେଖର ଦାସ ଓ ସୁଧାଂଶୁ ଶେଖର ଦାସ, କନ୍ୟା ନିରଦ ନଳିନୀ ଦାସ, ପୁତ୍ରବଧୂ ଇତିଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ । ସ୍ୱର୍ଗତଃ ଦାସ ନିଜ ଗାଁ କୁହୁଡ଼ି ଦଧିବାମନ ସାହିରୁ ଆସି ଦୀର୍ଘବର୍ଷ ଧରି ମଙ୍ଗଳାନଗରରେ ଘର କରି ବସବାସ କରୁଥିଲେ । ଅବସର ପରେ ବିଭିନ୍ନ ସମାଜମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ବରିଷ୍ଠ ନାଗରିକ ମଂଚର ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ସମେତ ବହୁ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ପଣ୍ଡିତ ନୀଳକଣ୍ଠଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶା ସାହିତ୍ୟ ଏକାଡେମିର ପ୍ରଥମ ସଭାପତି, ଓଡିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମଦିବସ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଶ୍ରଦ୍ଧାଂଜଳି ଜଣାଇବା ସହିତ ବରପୁତ୍ରଙ୍କ ଫଟୋ ଥାଇ ଡାକ ଟିକେଟ ପ୍ରଚଳନ ପାଇଁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ସମ୍ପାଦକ ଅଧିବକ୍ତା ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ, ପ୍ରସନ୍ନ କୁମାର ରଥ, ବାସନ୍ତୀ ତ୍ରିପାଠୀ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ଗୋପୀମୋହନ ପଟ୍ଟନାୟକ, ରାମଚନ୍ଦ୍ର ସାମଲ ଓ ଦୀନବନ୍ଧୁ ଷଡଙ୍ଗୀ ପ୍ରମୁଖ ବହୁ ସଦସ୍ୟା ସଦସ୍ୟ କାର୍ଯ୍ୟକ୍ରମରେ ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।




# ରୋଜଗାରିଆ


ଶ୍ରୁତକିର୍ତ୍ତୀ ତ୍ରିପାଠୀ

ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସବୁବେଳେ ଗୋଟିଏ ବିଷୟକୁ ନେଇ ମୁହାଁ ଫଟାଫଟି କ୍ଷ ସ୍ୱାମୀ କୁହନ୍ତି, ' ତୁମକୁ ବାହା ନ ହୋଇ ଗୋଟିଏ ରୋଜଗାରିଆ ସ୍ତ୍ରୀ ଲୋକକୁ ବାହା ହୋଇଥିଲେ ଭଲ ହୋଇଥାନ୍ତା । ଦୁଇଜଣ ପଇସା ରୋଜଗାର କରିଥିଲେ ଘର ଚଳେଇବା ଆହୁରି ସହଜ ହୋଇଥାନ୍ତା କ୍ଷ ଦିନସାରା ଘରେ ଖାଲିଟାରେ ଯାହା ବସିଛ, ବାହାରକୁ ଯାଇ କାମ କରିଥିଲେ କିଛି ଟଙ୍କା ହେଲେ ଘରକୁ ଅସିଥାନ୍ତା । ହେଲେ ଯାହା କହିଲେ କଣ ହେବ ଆଗ୍ରହ ଆଉ ଚେଷ୍ଟା ତ ନାହିଁ 'ସବୁବେଳେ ଏପରି ଅସହନୀୟ କଥା ଶୁଣିବା ପରେ ବି ସ୍ତ୍ରୀ ଚୁପ ରୁହନ୍ତି । ଭାବନ୍ତି, ଅଭାବୀ ସଂସାର କ୍ଷ ଆର୍ଥିକ ଏବଂ ମାନସିକ ଚାପରେ ସ୍ୱାମୀ କେତେବେଳେ କଣ କହିଦେଲେ, ସେ କଥାଗୁଡା କଣ ଧରିବା ! ହେଲେ ବାରମ୍ବାର ଏସବୁ ଶୁଣି ତାଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିବାକୁ ବସିଲାଣି । ଦିନ ତମାମ ଘରର ସବୁ ଦାୟିତ୍ୱ ନେଲା ପରେ ମଧ ଯଦି ଏସବୁ ଶୁଣିବାକୁ ମିଳେ, ତା ହେଲେ ମଣିଷ ଆଉ କଣ କରିପାରିବ । ସେ ବି ଚାହିଁଲେ ଘରୁ ଗୋଡ଼ କାଢି କିଛି ରୋଜଗାର ର ମାଧ୍ୟମ ଖୋଜିନେଇ ପାରିବେ । କିନ୍ତୁ ସେଭଳି ସୁବିଧା, ସୁଯୋଗ ଓ ପରିବେଶ ଯେ ତାଙ୍କୁ ମିଳିନାହିଁ କେବେ ସେ କଥା କିଏ ବୁଝିବ! ଅନେକ ଦିନର ନିରବତା ପରେ ଦିନେ ବାଧ ହୋଇ ସ୍ତ୍ରୀ ସ୍ୱାମୀଙ୍କୁ କହିଲେ, 'କାମ କରିବା କଥା ଯଦି କହୁଛ ତା ହେଲେ ଶୁଣ । କାମ ତ ସବୁ ସ୍ତ୍ରୀଲୋକ କରନ୍ତି, ସେ ଘର କାମ ହଉ କି ଅଫିସ କାମ । କିନ୍ତୁ ସେମାନଙ୍କ ଭିତରୁ ମାତ୍ର କିଛି ଜଣଙ୍କ ଭାଗ୍ୟରେ ହିଁ ଟଙ୍କା ରୋଜଗାର କରିବା ସମ୍ଭବ ହୋଇଥାଏ କ୍ଷ ଘରୁ ବାହାରକୁ ଯାଇ ରୋଜଗାର କରିବା ପାଇଁ ପରିବାର ତରଫରୁ ସହଯୋଗ ମଧ ରହିବା ଦରକାର । ' ଅପମାନିତ କରି ରୋଜଗାର କରିବା ପାଇଁ କଟୁକ୍ତି ଶୁଣାଉଥିବା ଲୋକ ଭାବିବା ଦରକାର ଯେ ସେ କେବେ ଏହାର ସୁଯୋଗ ବି ତାକୁ ଦେଇଛି !

ସ୍ତ୍ରୀଙ୍କ ଉତ୍ତରରେ ନିର୍ବାକ ସ୍ୱାମୀଙ୍କୁ ତାଙ୍କ ଏତେଦିନର ପ୍ରଶ୍ନର ଉତ୍ତର ମିଳିସାରିଥିଲା ।

*ଫୋନ - ୬୩୭୦୫୧୬୪୭୮*
*ଭୁବନେଶ୍ୱର*

# ଅନ୍ତର୍ଦାହ


ସୁଦର୍ଶନ ମହାପାତ୍ର

ଦୀପକ ବାଇକରେ ଅଟୋଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିବାକୁ ବାଧ ହେଲା ମିନୁ। ବର୍ଷା ଛାଡିବାକୁ ନାହିଁ। ତଥାପି ଆକାଶରେ କଳାହାଣ୍ଡିଆ ମେଘ ଯେମିତି ଲଟକି ରହିଛି। ଅଫିସ ଛୁଟି ପରେ ଆଉ କେତେ ସମୟ ଅପେକ୍ଷା କରିଥାନ୍ତା ? ରାସ୍ତାରେ ପାଣିର ସୁଅ ଛୁଟୁଛି। ଷ୍ଟାଣ୍ଡରେ ଗୋଟିଏ ହେଲେ ବି ଅଟୋ ନାହିଁ। ସେ ରହୁଥିବା ଭଡାଘରର ଗଳି ମୁଣ୍ଡ ପର୍ଯ୍ୟନ୍ତ ନେଇ ଛାଡି ଦେବାକୁ ଦୀପକକୁ ନିଜ ଆଡୁ ଅନୁରୋଧ କଲା ମିନୁ। ଯାହା ପାଇଁ ଘରେ ନିତି ଅଶାନ୍ତି , କେତେ କଥା ଶୁଣିବାକୁ ମିଳୁଛି ତାକୁ ହିଁ ଭରସା କରିବା ଛଡା ମିନୁର ବିକଳ୍ପ ନାହିଁ ଆଜି ।ଗଳିମୁଣ୍ଡରେ ନୁହେଁ, ଏକଦମ୍ ଘର ପାଖରେ ବାଇକ୍ ରଖିଲା ଦୀପକ।

ଘରେ ପହଞ୍ଚି ନପହଞ୍ଚୁଣୁ ଶୁଭିଲା ବିକ୍ରମଙ୍କର ପାଟି। -'ରସିକ ନାଗରଙ୍କ ସହ ଆଉ କିଛି ସମୟ କଟାଇ ଆସିଲନି। ସ୍ୱାମୀ ତ ଅଥର୍ବ ପଙ୍ଗୁ ନା ! କଉ କଥା ବୁଝି ପାରୁଛି ନା କଉ ସୁଖ ଦେଇ ପାରୁଛି ଯେ, ତା କଥା ମନେ ପଡିବ।' ତାଙ୍କ ବିରକ୍ତି କୁ ଅଣଦେଖା କରି ମିନୁ ଲାଗି ପଡିଲା ତା କାମରେ। ବିକ୍ରମଙ୍କ ଅସନା ଲୁଗା ପଟା, ବ୍ୟବହୃତ ପ୍ୟାନ ପରିଷ୍କାର କରି, ଡ୍ରେସ୍ ବଦଳାଇ ବେଡସିଟ କୁ ସଜାଡି ଦେଲା ପରେ ପୁଅକୁ ପାଖକୁ ଡାକି ପଢ଼ାପଢ଼ି ବିଷୟରେ ପଚାରିଲା।

ପୁଅ ଯେମିତି ଅପେକ୍ଷା କରି ରହିଥିଲା।-' ମାମା ମୋତେ ପାଞ୍ଚଶହ ଟଙ୍କା ଦେବ। ବହିଟିଏ କିଣିବାର ଅଛି।' କିଛି ନକହି ମିନୁ ଭ୍ୟାନିଟ ଖୋଲି ଦେଖିଲା ମୋଟ ଚାରି ଶହ ଟଙ୍କା ଅଛି। ମିନୁ ହାତରୁ ଝାମ୍ପି ନେଲା ଭଳି ସବୁତକ ଟଙ୍କା ନେଇ 'ବାକି ଟଙ୍କା ଏବେ ସାଙ୍ଗ ଠାରୁ ନେଇ ଆସିଥିବି ' କହି ପୁଅ ବାହାରି ଗଲା ଟିଉସନ କୁ।

ଗତକାଲିଠାରୁ ବାସନ୍ତୀ ଦୁଇଶହ ଟଙ୍କା ମାଗିଥିଲା ବୋଲି ମନେପଡିଲା ଏତିକିବେଳକୁ। କ'ଣ ତାକୁ କହିବ ଭାବିଲା ଭିତରେ ଶୁଭିଲା ବାସନ୍ତୀର ସ୍ୱର। ' ମା ଟଙ୍କା ଦିଅ। କିଛି ପରିବା ନେଇ ଆସେ। ଫ୍ରିଜରେ କିଛି ବି ନାହିଁ। 'ବୁଟ ଆଳୁରେ ଆଜି ଚଳେଇ ଦେ' କହି ମିନୁ ଫ୍ରେସ ହେବାକୁ ବାଥରୁମ ଗଲା।

ଚା' ଟିକିଏ ବସାଇବା ପାଇଁ ବାସନ୍ତୀକୁ କହିଲା ପୂର୍ବରୁ ସେ ମାଗି ବସିଲା ଟଙ୍କା। 'ମୋ ପାଖରେ ଏବେ ନାହିଁ, କାଲି କୁ ଦେଖିବା' ଧୀର ସ୍ୱରରେ କହିଲା ମିନୁ। ଏତିକି ବେଳକୁ ଶୁଭିଲା ବିକ୍ରମଙ୍କ ସ୍ୱର। -'ପ୍ରେମିକ ନାଗରଙ୍କ ପାଇଁ ପଇସା ଖର୍ଚ୍ଚ କଲେ, ପଇସା ବଳିବ କେଉଁଠୁ ?' କଟା ଘା' ରେ ଚୂନ ଦେଲା ଭଳି ଲାଗିଲା ମିନୁକୁ। କିଛି ନକହି ଆଖି ଛଳଛଳ କରି ଚାହିଁଲା କେବଳ ବିକ୍ରମଙ୍କ ଆଡକୁ।-' ମରମ କଥା କହିଲେ ବାଧୁଚି ନାହିଁ ! ସେ କୁମ୍ଭୀର କାନ୍ଦଣା ନିଜ ପାଖରେ ରଖ।ସେଇ ଲୋକଟା ପାଖରେ ଦେଖେଇ ହେବ।' ପୁଣି ବିକ୍ରମଙ୍କର ତାଚ୍ଛଲ୍ୟ ଭରା କଟୁକ୍ତି ଶୁଭିଲା ମିନୁକୁ।କେତେଥର ସେ ଭାବିଛି ଆତ୍ମହତ୍ୟା କରିଦେବ ବୋଲି। ହେଲେ ଦୁର୍ଘଟଣା ପରେ ଚଳତହୀନ ହୋଇ ପଡିଥିବା ସ୍ୱାମୀ ଏବଂ ପୁଅ କଥା ଭାବି ପଛେଇ ଯାଏ ମନ।

କ'ଣ କରିବ ମିନୁ ? କାଲି ପୁଣି ଦୀପକଙ୍କୁ କେମିତି କହିବ କିଛି ପଇସା ଦିଅ ଘର ଚଳେଇବାକୁ ବୋଲି ! ଅଟୋରେ ଯିବା ପାଇଁ ବି ହାତରେ ପଇସା ନାହିଁ। କାଲିକୁ ଦୀପକଙ୍କ ବାଇକରେ ଯିବା ଛଡା ଉପାୟ ନାହିଁ। ବିକ୍ରମ ଙ୍କ ପାଖରେ ରୁଟି,କ୍ଷୀର , ଆଉ ବୁଟ ତରକାରୀ ରଖି ବୁଲି ପଡିଲା ବେଳକୁ ଶୁଭିଲା ତଳେ ଥାଳି ପଡିବାର ଶବ୍ଦ। ପଛକୁ ପଛ ଦେହରେ ଗଳିଗଲା ଭଳି କିଛି ଖରାପ ଶବ୍ଦ ତା'ଉଦ୍ଦେଶ୍ୟରେ ବାହାରୁଥିଲା ବୋଲି ବୁଝି ପାରିଲା ମିନୁ।

ବାସନ୍ତୀ ଚାଲି ଗଲାଣି। କ୍ଷୀର ଧାର ଡେଇଁ ମିନୁ ପାଦ ପକାଇଲା ଆଗକୁ। ଅଫିସରୁ ଫେରିବା ପରଠୁ ଏପର୍ଯ୍ୟନ୍ତ କିଛି ଟିକିଏ ପାଟିରେ ଦେଇ ପାରିନଥିଲେ ମଧ ମିନୁକୁ ଜମା ଭୋକ ନଥିଲା।ଘର ଚଟାଣ ସବୁ ପରିଷ୍କାର କରିବାରେ ମନ ଦେଲା। ସେ କ'ଣ ବା କରି ପାରିବ ?ମାସ ଶେଷକୁ ହାତ ଶୂନ୍ୟ। ଔଷଧ କିଣା, ଘରଭଡା, ଦୋକାନ ସଉଦା, ପୁଅର ସ୍କୁଲ ଏବଂ ଟିଉସନ ଖର୍ଚ୍ଚ ଇତ୍ୟାଦି ସମ୍ଭାଳି ହେଉନଥିଲା ସୀମିତ ଦରମାରେ। ଇତି ମଧରେ ପୁଅ ଟିଉସନରୁ ଫେରି ଆସିଥିଲା।ତା ହାତରେ ବିକ୍ରମଙ୍କ ପାଇଁ ଆଉଥରେ ହର୍ଲିକ୍ସ ପଠାଇଲା। ପୁଅ ହାତରେ ଖାଲି ଗ୍ଲାସ୍ ଦେଖି ଆଶ୍ୱସ୍ତ ହେଲା ମିନୁ। ପୁଅକୁ ଖାଇବାକୁ ଦେଇ ସୋଫା ଉପରେ ଅବଶ ଦେହଟାକୁ ଲୋଟାଇ ଦେଲା ମିନୁ।

ନିଦ ଭାଙ୍ଗିଲା ଯାଇ ସକାଳୁ । ଯନ୍ତ୍ରବତ୍ ପୁଣି ନୈନ୍ଦିନ କାମରେ ଲାଗିଗଲା ସେ। ରୋଷେଇ ସରିବା ବେଳକୁ ନଅଟା। ତରବର ହୋଇ ଲୁଗା ଶୁଖାଇବାକୁ ଗଲା ବେଳକୁ ଚାରିଆଡ ଅନ୍ଧାରୁଆ ଦେଖାଗଲା ତାକୁ। ସେ ଆଉ କିଛି ଜାଣିନି।ପର ଦିନକୁ ନିଜକୁ ଆବିଷ୍କାର କଲା ହସ୍ପିଟାଲ ବେଡରେ। ଆଖି ଦୁଇଟି ମୁଦି ବାରମ୍ବାର ନିଜକୁ ତଲାସିବାକୁ ଚେଷ୍ଟା କରୁଥିଲା ମିନୁ ।ମୁଣ୍ଡ ଉପରେ ଗୋଛାଏ କଳଙ୍କ ନେଇ ନିଜକୁ ବିଭିନ୍ନ ପ୍ରଶ୍ନ କରିଚାଲିଥାଏ ମନ ଭିତରେ। ଆଖି ଖୋଲିଲା ତ ଦେଖିଲା ବିଭୁର କାନ୍ଦୁରା ମୁହଁ। ଦୀପକଙ୍କ ସାହାଯ୍ୟ ନେଇ ସେ ଏଠାକୁ ତାକୁ ନେଇ ଆସିଛି ଏବଂ ଦୀପକଙ୍କ ମିସେସ ଯେ ଏଠି ରାତିସାରା ଥିଲେ ମିନୁ ଜାଣିଲା ପୁଅ ଠାରୁ। ବାବାଙ୍କର ସବୁ କାମ ସାରି ସେ ଏଠାକୁ ଆସିଛି ବୋଲି ଜାଣି ତା ଆଖିରେ ଲୁହ ଭରିଗଲା। ଉପବାସ ଜନିତ ଦୁର୍ବଳତା ହେତୁ ଏସବୁ ଘଟିଛି ବୋଲି ଡାକ୍ତର କହିଲେ ।ସାଷ୍ଟାମ ହୋଇ ସନ୍ଧ୍ୟାକୁ ଘରକୁ ଫେରି ଆସିଲା ମିନୁ।

ପରଦିନ ସକାଳୁ କଲିଂବେଲ୍ ଶବ୍ଦ ଶୁଣି କବାଟ ଖୋଲିଲା ବିଭୁ। -'ଆରେ ଡାକ ତୋ ମାମାକୁ। ମୋ ହାତରେ ରାକ୍ଷୀ ବାନ୍ଧିବ ନାହିଁ କି ? ଆଜି ପରା ରାକ୍ଷୀ ପୂର୍ଣ୍ଣିମା। ସବୁଥର ଅଫିସ ରେ ବାନ୍ଧ ?। ଆଜି ତ ସେ ଯିବ ନାହିଁ। ତେଣୁ ମୁଁ ଆସି ଯାଇଛି।' -' ମାମା,ଦେଖ ଆସି କିଏ ଆସିଛନ୍ତି। ଦୀପକ ଅଙ୍କଲ ଆଉ ଆଣ୍ଟି।' ବିଭୁର ସ୍ୱରରେ ଥିଲା ଅହେତୁକ ଖୁସି।

କହିବା ବାହୁଲ୍ୟ ଦୀପକଙ୍କ ମିସେସ ସଂଗ୍ରାମଙ୍କ ହାତରେ ରାକ୍ଷୀ ବାନ୍ଧିଲା ବେଳେ, ସଂଗ୍ରାମଙ୍କ ଆଖିରେ ଥିଲା ଅନୁତାପର ଅଶ୍ରୁ।

*କୁଞ୍ଜବିହାରୀ ଲେନ, କଟକ*

# ବିଚିତ୍ର ଲୀଳା


ଚନ୍ଦ୍ର ପ୍ରକାଶ ପାତ୍ର

ସେଦିନ ଥିଲା ସାବିତ୍ରୀ ଅମାବାସ୍ୟା ଆଉ ପୁରୀ ଜଗନ୍ନାଥ ମନ୍ଦିରରେ ଅସମ୍ଭବ ଭିଡ଼ । ସେଇ ପ୍ରବଳ ଭିଡ଼ଭିତରେ ପରମ ଶ୍ରଦ୍ଧାଳୁ ଜଗତର ନାଥ ଜଗନ୍ନାଥଙ୍କୁ ସେ ଦର୍ଶନ କଲାବେଳେ ବିହ୍ୱଳିତମନରେ ମନଭିତରେ ତାଙ୍କର ଆସେ ଏକ ବିଚିତ୍ରଭାବନା। ଆହା ! ଯଦି ଏଇ ଶ୍ରୀମୁଖଟି ଚୂର୍ଣ୍ଣକୁନ୍ତଳ ଶୋଭିତ ହେଇଥାନ୍ତା କେମିତି ଦିଶିଥାନ୍ତା ପ୍ରଭୂଙ୍କ ମୁଖଟି ସତରେ? ଆଉ ତାପରେ ପୁରୀରୁ ଫେରିବାପରେ ଚାକିରୀ କ୍ଷେତ୍ରରେ ଅଡିଟକାମରେ ଯୋଗ ଦେବା ପାଇଁ ଚାଲି ଯାଆନ୍ତି କଲିକତାର ୟୁକୋ ବ୍ୟାଙ୍କର ଏକ ଶାଖାକୁ ।ଦିନେ କାର୍ଯ୍ୟସମାପନ ପରେ ଗୃହକୁ ପ୍ରତ୍ୟାବର୍ତ୍ତନ ସମୟରେ ରାସ୍ତା ଅତିକ୍ରମ କଲାବେଳେ ଅସାବଧାନତାବଶତଃ ଗୁରୁତର ଦୁର୍ଘଟଣାର ସମ୍ମୁଖୀନ ହୋଇ ଅନେକସମୟ ଧରି ଅସହାୟ ଭାବେ ପେଟର ସମସ୍ତ ଅଙ୍ଗ ବିକ୍ଷିପ୍ତ ଅବସ୍ଥାରେ ଅଚେତନ ଭାବେ କୋମାରେ ପଡ଼ିରୁହନ୍ତି ରାଜରାସ୍ତାରେ। କେହି ଜଣେ ବି ଅଟକନ୍ତି ନାହିଁ ସାହାଯ୍ୟ ପାଇଁ। ସୌଭାଗ୍ୟବଶତଃ ସେ ଅଡିଟ କରୁଥିବା ଶାଖାର ଜଣେ ମହିଳା କର୍ମୀ ଘରକୁ ଫେରିବା ସମୟରେ ଦେଖି ,ତାଙ୍କୁ ଚିହ୍ନି ଚିକିତ୍ସାଳୟରେ ପହଞ୍ଚାଇବାର ବନ୍ଦୋବସ୍ତ କରାନ୍ତି। ଆଉ ଖବରପାଇ ଭୁବନେଶ୍ୱରରୁ ପତ୍ନୀ ଓ ଜାମାତା ଯାଇ ପହଞ୍ଚନ୍ତି ।ଦିନ ପରେ ଦିନ ଆଶା ଓ ଆଶଙ୍କାରେ ବିତିଯାଏ।

ହଠାତ୍ ଦିନେ କୋମାରୁ ଉଠି ବସନ୍ତି ସେ ଓ ଗୋଡ଼ ପାଖେ ପତ୍ନୀଙ୍କୁ ଠିଆ ହେବାର ଦେଖି ଏବଂ ନିଜକୁ ଚିକିତ୍ସାଳୟରେ ଆବିଷ୍କାର କରି ହୁଅନ୍ତି ବେଶ ଆଶ୍ଚର୍ଯ୍ୟଚକିତ !

ଆଉ କୁହନ୍ତି ତାଙ୍କ ନିଦ୍ରାଭଙ୍ଗର କାହାଣୀ...

ଶୋଇଥିବା ଅବସ୍ଥାରେ ସେଇ ଅଚେତନ ଅବସ୍ଥାରେ ସେ ତାଙ୍କ ନିକଟରେ ଦଣ୍ଡାୟମାନ ଥିବାର ଦେଖନ୍ତି ପରମକାରୁଣିକ ପ୍ରଭୂ ଜଗନ୍ନାଥଙ୍କୁ ଆଉ ଶୁଣନ୍ତି ତାଙ୍କର ମୁଖନିସୃତ ଅମୃତବାଣୀ।

...କେତେଦିନ ଆଉ ଶୋଇବୁ ? ଉଠିଯା ଏଥର ! ଇଚ୍ଛା କରିଥିଲୁ ପରା ?! ଚୂର୍ଣ୍ଣକୁନ୍ତଳ ପରିବେଷ୍ଟିତ ମୋର ମୁଖମଣ୍ଡଳ ଦେଖିବୁନି ?ତୁ ଦେଖିବୁ ବୋଲି ତ ମୋର ଏରୂପ.. ଆଉ ତୋ ପାଖକୁ ମୋର ଏ ଯାତ୍ରା !!

ଚିକିତ୍ସକ ଓ ଅନ୍ୟ ସମସ୍ତଙ୍କର ଆଶଙ୍କାକୁ ଭୂଲ୍ ପ୍ରମାଣିତକରି ସେଇକଥା ଶୁଣି ହିଁ କୋମାରୁ ପୂନର୍ଜୀବନ ଲାଭକରି ଅତି ଆଶ୍ଚର୍ଯ୍ୟଜନକ ଭାବେ ଚିକିତ୍ସାଳୟର ଶଯ୍ୟାରେ ଉଠିବସିଥିଲେ ସେ। ଆଉ ଚିକିତ୍ସା ପରେ କ୍ରମଶଃ ସୁସ୍ଥହୋଇ ପୁନର୍ବାର କଲିକତାରେ କାର୍ଯ୍ୟରେ ଯୋଗମଧେ ଦେଇଥିଲେ।

ଧନ୍ୟ ପ୍ରଭୂ! ଧନ୍ୟ ତୁମ ଲୀଳା !!

ସେ ଥିଲେ ଜଣେ ନିରୀହ ଶାନ୍ତ ସରଳ ଅମାୟିକ ମିଷ୍ଟଭାଷୀ ପରୋପକାରୀ ଓ ଅତୀବ ଭାବେ ଜଗନ୍ନାଥପ୍ରେମୀ ବ୍ୟକ୍ତିତ୍ୱ ଏବଂ ବ୍ୟାଙ୍କରେ ମୋର ସହକର୍ମୀ ନଟବର ବାବୁ !

ସେ ଆଜି ନାହାନ୍ତି ଆଉ ତାଙ୍କର ସ୍ମୃତିରେ ମୋର ଏଇ କ୍ଷୁଦ୍ର ପ୍ରତିବେଦନ....

*ଭୁବନେଶ୍ୱର*

# ଧକ୍କା


ଜିନାତମାମ୍ ଦର୍ଜୀ

ଗଛ କରତି କରତି ଜୀବନ ପଛେ କରତି ହେଇଯାଏ , ହେଲେ ଏ ବଇ କାମ ରେ ଯାଠୁ ଅଧିକ କିଛି ହେଇ ପାରେନା ନିଜ ଭିଟାମାଟିର ଏ ଗୋଟିଏ ବଖରା ଚାଳ ଘର କୁ ଯାହା ସିମେଣ୍ଟ କରି ପାରିଛନ୍ତି ନିଜ ଜୀବନ କାଳରେ ।କିଛି ଜଣ ବଡ ବଡ଼ ଅଫିସର ଙ୍କ ଘର ଓ ଅଫିସ ତିଆରି ବେଳେ କୋଠା ଗୁଡିକର ସମଗ୍ର କାଠ କାମ କରିବାର ସୁଯୋଗ ମିଳିଥିଲା ବୋଲି ପୁଅ କୁ କିଛି ଦୂର ପଢେଇ ପାରିଲେ ଚତୁର୍ଭୁଜ । ପୁଅ କେବଳ ଭଲ ପଢୁଥିଲା ବୋଲି ସରକାରଙ୍କ ଠୁ ସ୍କଲାର ପାଇ ଆଗକୁ ଖୁବ ପାଠ ପଢି ପାରିଲା ସିନା, ନହେଲେ ବାପା ସହ କାଠ କରତିବା ହିଁ ସାର ହୋଇଥାନ୍ତା କ୍ଷ ଏବେ ସେ ଭିଲେଇରେ ବଡ଼ ପଦବୀରେ କାମ କରେ ।

ଚତୁର୍ଭୁଜ ମରିବାର ସାତ ଦିନ ହେଲାଣି କେଶବ ଏଯାଏଁ ଆସିନି କ୍ଷ ଚତୁର୍ଭୁଜ ଙ୍କ ଭାଇ -ପୁତୁରା ସବୁ କଥା ବାର୍ତ୍ତା ହଉଥିଲେ ଆଜି ସପ୍ତମ ଦିନ ବି ସରିଲା କେଶବ କିନ୍ତୁ ଆସିଲାଣି କ୍ଷ ସେ ଆସିବନି ସମସ୍ତେ ଜାଣିଛନ୍ତି କେବଳ ଯାହା ଦଶାହ, କାର୍ଯ୍ୟ ଯାଏଁ ଅପେକ୍ଷା କରିବା କଥା କ୍ଷ ହୁଏତ ସେ ଆସିଯିବ କି ଯା' ଭିତରେ ବୋଲି ସମସ୍ତଙ୍କ ମନରେ ସଂଙ୍କା କ୍ଷ ସେ ନ ଆସିଲେ ସେଇ ଏକ ବଖୁରା ଘରଟା ତାଙ୍କୁ ମିଳିଯିବ ସେଇ ଲୋଭରେ ସମସ୍ତେ । ସବୁଦିନ ସନ୍ଧ୍ୟା ବେଳେ ସବୁ ଭାଇ ନିଜ ନିଜ ସ୍ତ୍ରୀ ମାନଙ୍କ ସହ ସେଇ ଉପରେ କଥା ବାର୍ତ୍ତା ହୁଅନ୍ତି । କେଶବ ବଡ଼ ହାକିମ ହେଇଛି ସେ କାହିଁକି ଆଉ ତୁଚ୍ଛା ବଖରାଏ ଘର ପାଇଁ ଆସିବ ? ସେଠି କାଳେ ସିଏ ଏପାରମେଣ୍ଟ କିଣିଛି ଏ ତୁଚ୍ଛା ବଖରାଏ ଘର ତାର କ'ଣ ହେବ ଯିଏ ବାପା ର ଅନ୍ତିମ ଦର୍ଶନ ପାଇଁ ଆସିଲାନି ସିଏ ଆଉ ତୁଚ୍ଛାକୁ କାଇଁ ଆସିବ!!! ଘର ଟା କିନ୍ତୁ ତୁମେ ପାଇବା ଦରକାର କ୍ଷ ଅମୁକ ଭାଇ ଔଷଧ କିଣି ଆଣୁଥିଲେ ଯେ କ'ଣ ହେବ ଡାକ୍ତରଖାନା ତ ତମେ ନେଉଥିଲ।

ପୁଣି ଜଣକ ସ୍ତ୍ରୀ କହିବ ସେ ଡାକ୍ତରଖାନା ନେଲେ କଣ ହେବ ଶେଷ ସମୟରେ ତ ତୁମେ ସେବା ଯତ୍ନ କରିଛ କ୍ଷ ତୁମେ ପାଇବାକୁ ହକଦାର । ସୁଦ୍ଧି କ୍ରିୟା ବି ସରିଗଲା, ତେର ଦିନ ବି, କେଶବ କିନ୍ତୁ ଆସିନାନି କ୍ଷ ଆସିଲେ ଚତୁର୍ଭୁଜ ଙ୍କ ଓକିଲ କହିଗଲେ -ମରିବା ଆଗରୁ ମଉସା ତାଙ୍କ ବଖରାଏ ଘର ର ଦଲିଲ କରିଦେଇ ଯାଇଛନ୍ତି କ୍ଷ ଯଦି ତାଙ୍କ ଶୁଦ୍ଧି କ୍ରିୟା ରେ କେଶବ ନ ଉପସ୍ଥିତ ରହେ ତାହେଲେ ତାଙ୍କ ବଖୁରେ ଘର ଗାଁ ମନ୍ଦିର ଟ୍ରଷ୍ଟ କୁ ଚାଲିଯିବ । ସବୁ ଭାଇ-ପୁତୁରା ଏକ ଧକ୍କା ଖାଇ ନିରବ ରେ ଆଶା ଧୂଳିସାତ ହେବାର ଦୁଃଖ ପାଳିଲେ ।

*ମୋ- ୮୦୧୮୮୦୭୧୫୩*

# ଆପଣାପଣ

*ରତ୍ନକାନ୍ତି ମିଶ୍ର*



ତମାମ୍ ସଫଳତାରେ ମୋର
ସେମାନଙ୍କ ଦୁଇ ହାତ
ଖୁବ୍ ଜୋରରେ ତାଳି ବଜେଇଥିବା ମୁହୂର୍ତ୍ତ
କିମ୍ବା, ସେମାନଙ୍କ ପ୍ରଶଂସାରେ
ନଥିଲା ମୋର ମୋହ ,
ବରଂ ବେଶୀ ନିଜର ମୋର
ସେଇ ପଣତ କାନି ର ଛୁଆଁ
ସେଇ ଆଶ୍ୱାସନାର ଶବ୍ଦପୁଞ୍ଜ
ଯିଏ ଦୁଃଖ ଦୁର୍ଦ୍ଦିନରେ
ପୋଛି ଦେଇଥିଲେ
ମୋ ଆଖିର ନିଗିଡା ଲୁହ ॥
ଭିନ୍ନ ଋତୁରେ ସାମ୍ନାକୁ ଆସନ୍ତି
ଭିନ୍ନ ପ୍ରକାରର ପକ୍ଷୀ
ରୂପ ରଂଗରେ ମୋହନ୍ତି ମନକୁ
ଶୀତଋତୁରେ ବିଦେଶାଗତ
ପକ୍ଷୀଙ୍କ ମେଳରେ
ଯେମିତି ରୋମାଞ୍ଚିତ ହୁଏ ନଳବଣ,
ହେଲେ ମୁଁ ଭଲପାଏ
ମୋ ଅଗଣାରେ ସେଇ
ପରିଚିତ ଚଢେଇ ମାନଙ୍କୁ
ଯେଉଁମାନଙ୍କ ପାଇଁ ନିତି ସକାଳରେ
ଉକୁଟିଉଠେ ମୋ ବିଭୋରପଣ ॥
ଭଲ ସମୟ ମନେଇବା ପାଇଁ
ଯେଉଁମାନେ ଆସନ୍ତି ପାଖକୁ
ଭରିଦିଅନ୍ତି ଚାରିପଟେ ଉଭଟ କୋଳାହଳ
ସେମାନଙ୍କ ଠୁ ଢେର ଭଲ ସେଇମାନେ
ଯେଉଁମାନେ ଖରାପ ସମୟକୁ
ତାଙ୍କ ସହୃଦୟତାରେ ବନାଇପାରନ୍ତି ଭଲ
ଯେଉଁମାନଙ୍କ ଉପସ୍ଥିତିରେ
ଆପଣାପଣର କଥା କାକଳିରେ
ଦୁର୍ଦ୍ଦିନ ଲାଗେନା ଦୁର୍ଦ୍ଦିନ ଭଳି,
ଯାହାଙ୍କ ଆଲିଙ୍ଗନରେ ଜାଣିହୁଏ
ହୃଦୟରେ ପ୍ରସ୍ଫୁଟିତ ସତେ
ଭଲ ପାଇବାର ନିଟୋଳ କଳି ॥

*ଆଳି, କେନ୍ଦ୍ରାପଡା*

# ଇନ୍ଦ୍ରଧନୁ

*ସୁଧାକର ରାଉତ*



ବରଷା ଧାରାରେ ଇଚ୍ଛା ମାନେ ସବୁ
ବୁନ୍ଦା ବୁନ୍ଦା ଜଳ ସାଜି
ହୃଦୟକୁ ଆନ୍‌ଦୋଳିତ ମୋ କରନ୍ତି
ଅତୀତର ଦିନ ହେଜି ।
ପତ୍ରଝଡା ଦେଇଥିବା ସ୍ମୃତି ମାନ
ପାଇ ବରଷା ର ସ୍ପର୍ଶ
ନବ କିଶଳୟ ର ଅଭିଳାଷ କୁ
ଡାକଇ ହୋଇ ବିମର୍ଷ ।
ଅନାଗତ ଭବିଷ୍ୟତ ଜଳଧାରେ
ହୋଇ ସୁନ୍ଦର ଫୋଟକା
କ୍ଷଣିକେ ଅନ୍ତର୍ଦ୍ଧାନ ହୋଇଯାଆନ୍ତି
ଦେଇ ହୃଦୟେ ମୋ ଧକା ।
ତନୁ ବଲ୍ଲରୀର ସୁଗନ୍ଧ ଲହରୀ
ସମୟ ଭୂମିରେ ବହି
ନିଜର ସତ୍ତା ହରାଇଣ ଏ ମନଟା
ନପାରେ ତାହାକୁ ସହି ।
ଭିଜା ମାଟିର ସୁରଭିରେ କେମିତି
ଉଲ୍ଲସିତ ହୁଏ ମନ
ତୁମ ସଙ୍ଗେ ଭିଜିବାରେ ଯେ ପୁଲକ
ଆଣିଥାଏ ସେ ଲଗନ ।
ବେଳେ ବେଳେ ଶ୍ରାବଣର ବାରିଧାରା
ଦିଏ ନିଦାଘ ଜ୍ୱଳନ
ଦିବସରେ ବି ଅନ୍ଧକାର ଘୋଟଇ
ଉଛନ୍ନ ହୁଅଇ ମନ ।
ଅତୀତର ସ୍ମୃତି ଘାରେ ନିତି ନିତି
ଆଶଙ୍କାର ରଙ୍ଗ ନେଇ
କେତେ ମିଛ ଇନ୍ଦ୍ରଧନୁ ମୁଁ ଆଙ୍କିବି
ସାତରଙ୍ଗ ତହିଁ ଦେଇ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ଭୁଲିହୁଏ ନାହିଁ

*ରମାକାନ୍ତ ଦାସ*



ଭୁଲିହୁଏ ନାହିଁ
ତୋ ସହିତ ବିତେଇଥିବା
ସେଇ ଅଭୁଲା ମୁହୂର୍ତ୍ତ ଗୁଡିକୁ
କେମିତି ଅବା ଭୁଲିବି ତତେ.... ?
ଯେବେ ଯେବେ ନିଜକୁ ପ୍ରଶ୍ନ କରେ
କେବେ ବି ଉତ୍ତର ପାଏନା ॥
କେମିତି ଭୁଲିବି
ସେ ଅପାଶୋରା ମୁହୂର୍ତ୍ତ ଗୁଡିକୁ
ତୋ ସହିତ ଦେଖାହେଲେ
ମୋ ସ୍ଫୁରିତ ଅଧରେ ଫୁଟୁଥିଲା
ଏକ ଅଜଣା ସ୍ମିତହାସ୍ୟ
ତୋ ଓଠରେ ସେ ହସ
ମୋ ମନରେ ଫୁଟାଉଥିଲା
ପ୍ରୀତିର ପୁଲକ
ତୋର ସେ ମୃଦୁହସ ,ମୃଦୁଭାଷ
ମୋ ପ୍ରତିଥିବା ଆକୃଷ୍ଟ ପ୍ରେମ ଓ
ଭଲପାଇବାକୁ ମୁଁ କେମିତି ଭୁଲିବି !!
ତୋ ସହିତ ବିତେଇଥିବା
ସବୁ ମୁହୂର୍ତ୍ତ ଗୁଡିକ
ବହୁତ ମନେପଡେ
ତୋର ରାଗ , ଅଭିମାନ
ମୋ ପାଇଁ ତୋ ମନରେ ଥିବା ପ୍ରେମ
ଏବେ ବି ମୋ ମନର ସମୁଦ୍ରରେ
ଆନନ୍ଦର ଲହରୀ ଖେଳେ
ଯେତେ ଚେଷ୍ଟାକଲେ ବି
ଭୁଲିହୁଏ ନାହିଁ ॥

*ନନ୍ଦିଗ୍ରାମ ,ନାଉଗାଁ ,ଜଗତସିଂହପୁର*
*ମୋ-୯୬୬୮୮୧୫୩୬୯*

# ଅନ୍ଧ ଆଇନ୍

*ବିଶ୍ୱଜିତ ପୁହାଣ*

ବଦଳି ନାହିଁ ଲୋକଙ୍କ ଦୃଷ୍ଟି ଭଙ୍ଗି
ସ୍ୱାଧୀନତାର ବହୁ ବର୍ଷ ପରେ,
ନାରୀ ଆଜିବି ନିର୍ଯାତିତ, ଅବହେଳିତ
ଏ ଦେହଲୋଭୀ ପୁରୁଷ ଆଗରେ ॥
ଗୋଟେ ସୁନ୍ଦର ଜୀବନ ଦଳିଦେଲା ବେଳେ
ଜାଗି ନାହିଁ ତା ମାନବିକତା,
ସତରେ କଣ ଆମ ଆଇନ୍ ଏତେ ଅନ୍ଧ ଅଟେ
ଫାଶୀ ବଦଳେ ଦୋଷୀକୁ କରେ ରକ୍ଷିତା !॥
କହିବୁଲେ ଏଠି ଆମ ଦେଶ ସରକାର
ଆମେ ଲୋକଙ୍କ ପାଇଁ ଓ ଲୋକଙ୍କର,
ତେବେ କାହିଁବଢେ ହତ୍ୟା, ଲୁଟ୍ ଆଉ ଧର୍ଷଣ ?
ଲୁଣ୍ଠିତ ଏଠି ମଣିଷର ଅଧିକାର ॥
କୁଆଡେ ଗଲେ ସବୁ ମାନବାଧିକାରୀ କର୍ମୀ
ପଛ ଘୁଞ୍ଚା କାହିଁ ଏତେ ?,
ଏ/ସି ଘରେ ବସି ସ୍ୱାଦିଷ୍ଟ ଖାଉଛି ଦୋଷୀ
ଏଠି ଭିତିରିଆ ଚାଲେ କିଛି ବୋଧେ !॥
ଜାଗହେ ଜନତା ଜାଗହେ ସରକାର
ଦୋଷୀକୁ ଦେବାକୁ ଦଣ୍ଡ,
ଆଉ କି ବଳିଷ୍ଠ ପ୍ରମାଣ ଦରକାର
କଣ ଆମ ଆଇନ୍ ହେଲାକି ଅନ୍ଧ ? ॥

*ସ୍ନାତକୋତ୍ତର ଗ୍ରନ୍ଥାଗାର ବିଜ୍ଞାନ ଛାତ୍ର*
*ଫକୀରମୋହନ ବିଶ୍ୱବିଦ୍ୟାଳୟ,*
*ବ୍ୟାସବିହାର , ବାଲେଶ୍ୱର*

# ଉତ୍କଳ ଜନନୀ

*ବିଶ୍ୱଜିତ ପୁହାଣ*



ଜଗତର ନାଥ ଜଗନ୍ନାଥ ପାଇଁ
ପ୍ରସିଦ୍ଧ ସବୁଠି ଉତ୍କଳ,
ଗୁମ୍ଫା ମନ୍ଦିରରେ ସୁସଜ୍ଜିତ ଅଟେ
ଉତ୍କଳର କଳା କୌଶଳ॥
ପଞ୍ଚସଖା,ମଧୁ, ଗୋପବନ୍ଧୁ ଆଦି
ମହାପୁରୁଷଙ୍କ କଥା,
ଏ ଉତ୍କଳ ଜନନୀ ବର୍ଣ୍ଣନା କରିଛି
ଚିର ନିରନ୍ତର ଗାଥା ॥
ରାଇଜବାସୀଙ୍କ ଭାଷା ଯେ ଓଡିଆ
କଳା ସଂସ୍କୃତିରେ ଭରା,
ଓଡ଼ିଆ ସଙ୍ଗୀତ, ଓଡ଼ିଶୀ ର ନୃତ୍ୟ
ପ୍ରସିଦ୍ଧ ଜଗତ ସାରା ॥
ଓଡ଼ିଆ ସହିଦ ତ୍ୟାଗର ମନ୍ତ୍ର
ଲିପିବଦ୍ଧ ଇତିହାସେ,
ସାଧବ ପୁଅର ବାଣିଜ୍ୟ ସମ୍ପର୍କ
ସୁପ୍ରସିଦ୍ଧ ସାରା ବିଶ୍ୱେ॥
ସାଢ଼େ ଚାରିକୋଟି ଓଡ଼ିଆ ମୁଳକ
ପାଳିଛି ଉତ୍କଳ ଜନନୀ,
କଳିଙ୍ଗ ବୀରଙ୍କ ରକତରେ ଗଢା
ଏଇ ମୋ ଉତ୍କଳ ଜନନୀ॥

*ସ୍ନାତକୋତ୍ତର ଗ୍ରନ୍ଥାଗାର ବିଜ୍ଞାନ ଛାତ୍ର*
*ଫକୀରମୋହନ ବିଶ୍ୱବିଦ୍ୟାଳୟ,*
*ବ୍ୟାସବିହାର , ବାଲେଶ୍ୱର*
*ମୋ - ୮୦୧୮୪୩୫୩୬୪*

# ମନନାହିଁ ଭୁଲିବାକୁ

*ଜୟନ୍ତ କୁମାର ମଲ୍ଲିକ୍*

ରଙ୍ଗ ନମ୍ବରରେ ଫସିଗଲି ମୁଇଁ
ଥିଲା ସେ ସୁନ୍ଦରୀ ଝିଅ
ସବୁବେଳେ ସିଏ ପଇସା ମାଗୁଛି
କଅଣ କରିବି କୁହ ।
କଲେଜ ଯାଉଛି ସାଇକେଲ ନେଇ
କହୁଛି କିଣିବ ଗାଡ଼ି
ପଇସା ପତର କେତେ ମୋ ଅଭାବ
କାଟିତ ପାରୁନି ଦାଢ଼ି ।
ଗରୀବ ପିଲା ମୁଁ ଜାଣିନାହିଁ ବୋଧେ
ଭାବୁଛି ଦେବାକୁ କହି
କହି ଦେଲାପରେ ସବୁ ସରିଯିବ
ଆଉ ସେ ମାଗିବ ନାହିଁ ।
ଏହି କଥା ସବୁ ଭାବିଲା ବେଳକୁ
ଆଖିରୁ ଝରୁଛି ଲୁହ
ପ୍ରକୃତରେ ଯଦି ଭଲପାଏ ସିଏ
ତାକୁ କେ ବୁଝାଇ କୁହ ।
କେତେଯେ ଉଧାର ନେଇଅଛି ମୁହିଁ
ଫୋଅନ କରିକି ତାକୁ
ପଛପାଖ ପଛେ ଉଇ ଖାଇଯାଉ
ମନନାହିଁ ଭୁଲିବାକୁ ।

*ଶୂରଡିହ, ନନ୍ଦିପୁର,*
*ଦଶରଥପୁର,ଯାଜପୁର*

# ଜୟ ହେ ଗଜାନନ

*ସୁନୀଲ କୁମାର ପ୍ରଧାନ*



ଗଉରୀ ନନ୍ଦନ ନାମ କୁ ବହିଣ
ଅଗ୍ରେ ସଦା ପୂଜା ପାଅ
ମହା ଜ୍ଞାନି ବିଘ୍ନ ନାଶକ ପ୍ରଭୁ
ତୁମରି ଆଶିଷ ଦିଅ ।
ଶୁଭ କାମରେ ତୁମ ନାମ ନେଇ
ସଫଳ ହୁଅଇ କାର୍ଯ୍ୟ
ତୁମ ନାମ ନେଲେ ବାଧା ନ ଆସଇ
ମନରେ ରଖଇ ଧର୍ଯ୍ୟ ।
ରିଦ୍ଧି ସିଦ୍ଧି ବର ହୋଇ ତୁମେ ପ୍ରଭୁ
ବିଘ୍ନ ରୁ କରୁଛ ପାର
ମୁର୍ଖ କୁ ପଣ୍ଡିତ ପରିଣତ କରି
କାମନାକୁ ଦୂର କର ।
ଗଜାନନ ନାମ କୁ ବହୀ
ଅଗ୍ର ପୂଜା ପାଉଛ ରହି
ତୁମ ନାମ ଡାକୁ ଥାଇ
କରୁଣା କରନ୍ତୁ ସାଇଁ ।
ଭାଦ୍ରବ ରେ ତୁମ ପର୍ବ
ବରଷ କୁ ଆସେ ଦେଖ
ସବୁ ସ୍ଥାନେ ପୂଜା ପାଅ
ନାମ ସିଦ୍ଧି ବିନାୟକ ।
ଜୟ ପ୍ରଭୁ ଗଜାନନ
ଡାକୁ ଅଛି ତୁମ ନାମ
ବିଦ୍ୟା ବୁଦ୍ଧି ଦିଅ ପ୍ରଭୁ
କରୁଅଛି ନମ ନମ ।
ଗାଁ ଗଣ୍ଡା ଆଜି ପଡେ ଚଞ୍ଚଳ
ମେଢ଼ ସଦା ଲାଗି ରହେ
ପିଲାମାନେ ନୂଆଁ ଜାମା ପିନ୍ଧି କରି
ଖୁସି ଆନନ୍ଦ ଭରେ ।
ବିଦ୍ୟାଦାତା ପ୍ରଭୁ ବିନାୟକ ପାଖେ
କରଯୋଡ଼ି କରେ ବିନତୀ
ଯାହା ଲେଖି ଦେଲି ଅଜ୍ଞାନ ଛଳରେ
କରୁଛି କୋଟି ପ୍ରଣତୀ ।

*ଝାଟିପଦର,ପାଲୁର,ଗଞ୍ଜାମ*
*ମୋ - ୭୬୦୯୯୩୪୩୬୬*

# ମା କୋଳକୁ ନିଅ ତୋଳି

*ବାପିନି ସିଂ*



ଶିଶୁଟିଏ ସଦା ଧରଣୀ ବୁକୁରେ
ସୁନ୍ଦର ବନର କଳିକା
ଦୁନିଆ ବୁକୁରେ ସରଗର ଫୁଲ
ଫୁଟିଥାଏ ଭଳିଭଳିକା ।
ପାଖୁଡ଼ାରେ ଥାଏ ପୀୟୂଷ କଣିକା
ହସରେ ତରଳେ ପରାଣ
ଜାଣିପାରେ ନାହିଁ ପର କି ଆପଣା
ମଣିଷ ତିଆରି କ୍ଷଣ ।
ଧୂଳି ମାଟି ତା'ର ଭୂଷଣ ସାଜନ୍ତି
ଗାଁ ମାଟି ତା'ର ସରଗ
ଭାଇ ବନ୍ଧୁ ସାଥି ସଭିଙ୍କ ଆପଣା
ଫୁଲରୁ ଆଣଇ ପରାଗ ।
କେତେ ଆପଣାର ବାପା ବୋଉ ଜେଜେ
ମାଉସୀ ପିଉସୀ ମାଇଁ
ଦାଦା ମାମୁ ନନା ଗୁରୁଜୀ ଗୁରୁମା
ଗୁଣ ଯାଏ ନିତି ଗାଇ ।
ଏବେତ ସେଥିରେ ପଡ଼ିଯାଏ କମା
କିନ୍ତୁରେ ରହଇ କଥା
ବାପା ବୋଉ ମୋର ରହିଲେ ସହରେ
ଜେଜେଙ୍କର ବଡ଼ ବ୍ୟଥା ।
ଏକାଠି ରହିବା ଏକାଠି ଖାଇବା
ହୋଇଛି ଆଜି ସପନ
ଅଶାନ୍ତିରେ ବିତେ ବାଲ୍ୟ କାଳ ମୋର
ପିଠିରେ ବହିର ଧନ ।
ଖେଳିବାକୁ ଦିଅ ବୁଲିବାକୁ ଦିଅ
କରୁଛି ଏତିକି ଅଳି
ବହିର ବୋଝକୁ ବହି ପାରୁନାହିଁ
ମା କୋଳକୁ ନିଅ ତୋଳି ।

*ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର*
*ଫକୀରମୋହନ ବିଶ୍ୱବିଦ୍ୟାଳୟ*
*ବ୍ୟାସବିହାର ,ବାଲେଶ୍ୱର*
*ଦୂରଭାଷ : ୯୯୩୭୮୨୦୮୩୧*

# ଚିତ୍ତଚୋରା

*ନିରଞ୍ଜନ ସାହୁ*



କିଏ କହେ ତୁମେ ଓଲେଇ ଗାଲେଇ
କିଏ କହେ ତୁମେ ଫୁଲେଇ
ମୁଁ ତୁମକୁ ଡାକେ ଅତି ଶରଧାରେ
ଆଗୋ ମୋର ରସମଲେଇ ।
ରାଜହଂସୀ ପରି ଚାଲି ଗୋ ତୁମର
ମୁନି ମତି ଭୋଳା ହସ
ପଦ୍ମଗନ୍ଧା ପରି ଶରୀର ସୁବାସ
ଅପସରୀ ପରି ବେଶ
ଆହା କି ଢଙ୍ଗରେ ବେଣୀ ବାନ୍ଧିଥାଅ
ରଜନୀଗନ୍ଧାକୁ ଝୁଲେଇ ।
ବୀଣାଜିଣା କଣ୍ଠେ କଥା କୁହ ଯେବେ
ସଭିଏଁ ଡେରନ୍ତି କାନ
ଓଠ ଦିଶୁଥାଏ ପଳାଶ ଲାଲିମା
ଖାଉଥାଅ ସଦା ପାନ
ଯାହାକୁ ଚାହିଁବ ସେ ନିଶ୍ଚେ ? ରସିବ
ନିମିଷକେ ଦେବ ଭୁଲେଇ ।

*ନିହଳ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

# ପୁରୁଣା ଡାଇରୀର ଚିରା ଫର୍ଦ୍ଦ ଟି

*ଡୁଇଟି ଡେଭିଡ ଫିଲିପ*



ଲେଖା ହୋଇଥିଲା କାହାର
ବିତି ଗଲା କାହାଣୀ,
ଏକ ଦିନର ନୁହେଁ ଏକ ଜୀବନୀ।
ଲେଖାଳି, କାଗଜ ଓ କଲମ କମ୍ପାନୀ,
ତାଙ୍କ ସାଙ୍ଗେ ଥିବେ
ଅନେକ ହୋଇ ଯୋଡ଼ି,
ତାପରେ ହୋଇଛି ଏହି କାହାଣୀ,
ଖଣ୍ଡିଆ ଭୂତ ନେଇ ଆସିଛି କି ?
ଚିରିଲା କିଏ ଜାଣି ହେଉନି,
ମୋ ହାତକୁ ଆସି
ମୁଣ୍ଡରେ ବସିଛି କେମିତି,
ମୁଁ ତା ପାଇଁ ଏତେ ଭାବୁଛି କାହିଁକି ?
ଉପରେ କିଛି ଲେଖା ଘସି
ହୋଇ ପଡ଼ି ହେଉନି,
ତଳକୁ ମନୋହରୀ
ଦୋକାନ ପାଇଁ ଲିଷ୍ଟ ଅଛି,
ଏହି ଦିନ ଓ ଲିଷ୍ଟ ମୋ ସଙ୍ଗେ ମିଶୁଛି,
ମାଁ କହିଥିଲା, ମୋର ଆଜିବି ମନେ
ଅଛି, 'ଆଜିଠୁ ତୁ ଆଉ ଛୁଆ ନୁହଟ',
ଚିରା ଫର୍ଦ୍ଦର ଲେଖାଳି ଓ କାହାଣୀ
ଯୋଡ଼ିବି କେମିତି ?

*ଚାଇବାସା, ଝାଡ଼ଖଣ୍ଡ*
*୧୬ ଅଗଷ୍ଟ ୨୦୨୨*
*ମୋ-୯୪୩୭୧୦୪୩୦୩*

# ଦକ୍ଷିଣ ଦୁଆର କିଳିଦେ ସଜନୀ

*ନୃସିଂହ ଷଡ଼ଙ୍ଗୀ*



କହିବାର ଆଉ କ'ଣ ବା ଅଛି କାହାକୁ ବା ମନ ଖୋଲି
ବସନ୍ତ ସରିଛି, ଶରତ ଲଭିଛି ଜୀବନ ଏ ମରୁବାଲି ।
ଦିନ ଆଲୁଅ ବି ଅନ୍ଧାର ଭୋଗୁଛି ଆଉବା ଜୀବନ କେତେ,
ସଂସାରହାଟରୁ ସଉଦା ସରିଛି ଏବେ ବାହୁଡ଼ିବା ବାଟେ।
ପ୍ରେମ ଗଣିତରେ ଭୁଲ୍ ଯା' ହେଲା, ଠିକ୍ ଯା ହେଲା ନାହିଁ,
ସଂସାର ପାଠ ବି ଅପାଠୁଆ କଲା ଆଉ ତା ହିସାବ କାହିଁ ?
ଚିହ୍ନିବାରେ ନାହିଁ ପ୍ରେମ ନଈ ତୁଠ, ଜାଣିବାରେ ନାହିଁ ମିତ,
ସାରା ଏ ଜୀବନ ସାଉଁଟି ଚାଲିଛି ଓମରଖୟାମ ଗୀତ।
ଦକ୍ଷିଣ ଦୁଆର କିଳିଦେ ସଜନୀ ସରାବ୍ ପିଆଲା ଦେ,
ବୈଠକୀ ଘର ବଇଠା ଉପରେ ଦୀପଟେ ଜଳେଇ ନେ ।
ମୁହଁରୁ ଟେକିଦେ ସରୁଓଢ଼ଣୀ ତୋ ଦୀପବି ଲାଜେଇ ଯାଉ,
ଠୁମକା ସେତିକି ଥାଉଲୋ ସଜନୀ ଝୁମୁକା ଝଟକୁ ଥାଉ ।
ରାତି ପାହିବାର ବେଳଥାଉଁ ଥାଉଁ ସରାବ୍ ପିଆଇ ଦେ,
ଓଠ ପିଆଲାରେ ସରାବ୍ ପିଆଇ ଜୀବନ ତୁ ହାରି ନେ।

*ସଦସ୍ୟ, କାର୍ଯ୍ୟକାରୀ ପରିଷଦ*
*ଓଡ଼ିଶା ସାହିତ୍ୟ ଏକାଡେମୀ, ମୋ-୯୯୩୭୨୨୨୧୨୨*

# ମୋ ଓଡ଼ିଶା

## ଯୁବ-ଛାତ୍ର ବିଜେଡି ନେତୃତ୍ୱ ସମ୍ମିଳନୀ




ଦର୍ପଣ (ପିଏନ)- ଚଣ୍ଡିଖୋଲ ନିକଟସ୍ଥ ବିଜୁ କଲ୍ୟାଣ ମଣ୍ଡପଠାରେ ବଡଚଣା ବ୍ଲକର ଯୁବ ଛାତ୍ର ବିଜେଡି ନେତୃତ୍ୱ ସମ୍ମିଳନୀ ଓ ନବନିଯୁକ୍ତ ପଞ୍ଚାୟତ ସଭାପତି, ଡିଜିଟାଲ ସମ୍ପାଦକଙ୍କ ଏକ ସମ୍ବର୍ଦ୍ଧନା ସଭା ବଡଚଣା ବ୍ଲକ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଯୁବକମାନେ ହେଲେ ଶକ୍ତିର ଉତ୍ସ । ଦେଶ, ଜାତି, ସୁସ୍ଥ ସମାଜ ଗଠନ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାରେ ଯେଉଁ ବିକାଶ ଧାରା ଚାଲିଛି ସେହି ବିକାଶ ଧାରାରେ ଯୁବଛାତ୍ରମାନଙ୍କୁ ସାମିଲ କରି ସମାଜର ସର୍ବନିମ୍ନ ସ୍ତରରେ ଥିବା ଜନସାଧାରଣଙ୍କ ନିକଟରେ ସରକାରୀ ଯୋଜନା ପହଂଚାଇବା ଯୁବ ବିଜେଡି ଛାତ୍ର ବିଜେଡିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ସରକାରଙ୍କର ବିଭିନ୍ନ ଜନହିତକାରୀ ଯୋଜନାଗୁଡିକ ଜନସାଧାରଣଙ୍କ ଦ୍ୱାରା ସ୍ୱୀକୃତ ହେଉଛି । ସେଥିପାଇଁ ଦୀର୍ଘ ୨୨ ବର୍ଷ ହେଲା ରାଜ୍ୟରେ ନବୀନ ପଟ୍ଟନାୟକ ନେତୃତ୍ୱ ନେଉଛନ୍ତି । ବଡଚଣାରେ ଯୁବ ଛାତ୍ର ବିଜେଡି ସଂଗଠନକୁ ଅଧିକ କ୍ରିୟାଶିଳ କରିବା ସହିତ ଆଗାମୀ ସେପ୍ଟେମ୍ବର ୧୮ ତାରିଖରେ ହେବାକୁ ଥିବା ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ସଫଳ କରିବା ଓ ବଡଚଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପଂଚାୟତରେ ବ୍ୟାପକ ବୃକ୍ଷରୋପଣ କରିବା ଉପରେ ଶ୍ରୀ ଶତପଥୀ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଧର୍ମଶାଳା ବିଧାୟକ ତଥା ରାଜ୍ୟ ଯୁବ ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ବିକାଶର କୌଣସି ପରିସୀମା ନାହିଁ । ଦୃଢ଼ ଇଚ୍ଛାଶକ୍ତି ଓ ପ୍ରଗାଢ଼ ଇଚ୍ଛା ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇଥାଏ । ଦଳର ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାକୁ ସଫଳତାର ସହିତ ପାଳନ କରି ସଂଗଠନକୁ ଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ କଲ୍ୟାଣ ମଣ୍ଡପ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ବଡଚଣା ବ୍ଲକ ଛାତ୍ର ବିଜେଡି ସଭାପତି ଜିତେନ୍ଦ୍ର ପ୍ରସାଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଡଚଣା ପଂଚାୟତ ସମିତି ଅଧ୍ୟକ୍ଷ ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ବଡଚଣା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ରାଜ୍ୟ ଯୁବ ବିଜେଡି ଯୁଗ୍ମ ସମ୍ପାଦକ ଅମ୍ବିକା ମହାନ୍ତି, ଆଶିଷ ରଞ୍ଜନ ଚୌଧୁରୀ, ନବଦୀପ ନାୟକ, ଜିଲ୍ଲା ପରିଷଦ ସଭ୍ୟା, ସସ୍ମିତା ମହାନ୍ତି, ବ୍ଲକ ଯୁବ ବିଜେଡି ସମ୍ପାଦକ ସଂଜୟ ବେହେରା, ଡିଜିଟାଲ ସେକ୍ରେଟାରୀ ଦୀପକ ସାହୁ ପ୍ରମୁଖ ଯୋଗଦେଇ ଯୁବଛାତ୍ର ବିଜେଡି ସଂଗଠନକୁ ଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡିର କର୍ମକର୍ତ୍ତା ବିଶ୍ୱଜିତ ଜେନା, ପିନାକୀ ଜେନା, ଅମିନ ନାୟକ, ପ୍ରିୟବ୍ରତ ଖିଲାର, ଅଶ୍ୱିନି ବଳ, ସୁଜିତ ସୌରଭ ସାହୁ, ସୁକୁମାର ପାତ୍ର, ବିଶ୍ୱଜିତ ବିଶ୍ୱାଳ, ଜୟନ୍ତ ରାଉତ, ଦିବାକର ଧଳ, ମିହିର ସ୍ୱାଇଁ, ଲିପିକାନ୍ତ ମାହାଲା, ସସ୍ମିତା ଗାଗରାଇ ପ୍ରମୁଖ ସହଯୋଗ କରିଥିଲେ । ଏହି ସମ୍ମିଳନୀରେ ବଡଚଣା ବ୍ଲକର ୪୩ ଟି ପଂଚାୟତର ଯୁବ ଛାତ୍ର ବିଜେଡି ସଭାପତି, ସମ୍ପାଦକ ଓ ଡିଜିଟାଲ ସମ୍ପାଦକ ସମେତ ୨୪୨ ଜଣ ସକ୍ରିୟ ସଭ୍ୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଯୁବନେତା ସଂଜୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହୃଦ୍‌ଘାତରେ ଆଦର୍ଶ ଶିକ୍ଷକଙ୍କ ପରଲୋକ



ଦର୍ପଣ (ପିଏନ): ବଡଚଣା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଉପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହଟକୃଷ୍ଣ ସାମଲ (୭୩)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି । ସ୍ୱର୍ଗତଃ ସାମଲ ନିଜର ନିତ୍ୟକର୍ମ ପାଇଁ ଶୌଚାଳୟ ଯାଉଥିବା ସମୟରେ ହଠାତ୍ ତଳେ ପଡି ଯାଇଥିଲେ । ତାଙ୍କୁ ସଂଗେସଂଗେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ପୁଅ ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଜଣେ ଆଦର୍ଶ ଶିକ୍ଷକ, ଛାତ୍ରବତ୍ସଳ, ସମୟାନୁବର୍ତୀ ଶିକ୍ଷକ ଭାବରେ ସମଗ୍ର ବଡଚଣା ଅଂଚଳରେ ସେ ପରିଚିତ ଥିଲେ । ଦୀର୍ଘ ୪୦ ବର୍ଷର ଶିକ୍ଷକତା ଭିତରେ ବହୁ ଛାତ୍ରଛାତ୍ରୀ ଓଡିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ତାଙ୍କର ଆକସ୍ମିକ ବିୟୋଗ ଫଳରେ ବଡଚଣା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶବକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସଂସ୍କାର କରିବା ସହିତ ପୁତ୍ର ନିର୍ମଳ ମୁଖାଗ୍ନି ଦେଇଥିଲେ ।

## ବିପଦସଂକୁଳ ପୋଲ; ସତର୍କ ସୂଚନା ଲଗାଇଲା ବିଭାଗ



ଫୁଲନଖରା (ପିଏନ୍)- କଟକ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ପରିଚାଳିତ ବଡ଼ଝରିଲୋ-ଗଙ୍ଗେଶ୍ୱର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଈଶ୍ୱରପୁର-ବଡ଼ଝରିଲୋ ମଧ୍ୟବର୍ତ୍ତୀ ପୋଲ (ଶଙ୍ଖ) ବିପଦସଂକୁଳ ଅବସ୍ଥାରେ ରହିଛି । ୬୦ବର୍ଷର ପୁରାତନ ଏହି ପୋଲ ଉପରେ ନିକଟବର୍ତ୍ତୀ ୧୦ଟି ଗ୍ରାମବାସୀଙ୍କ ସହିତ ଅଡ଼ଶପୁର, ନିଆଳି, ବାଗଲପୁର, ଗୋବିନ୍ଦପୁର, ଝାରପଡ଼ା, ପାଟସୁନ୍ଦରପୁର, ବାଇପଦା ଓ ଜଗତସିଂହପୁର ଅଞ୍ଚଳର ଲୋକମାନେ ଭୁବନେଶ୍ୱର ଯିବାଆସିବା ପାଇଁ ନିର୍ଭର କରନ୍ତି । ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ପୋଲଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ପୋଲର ନିମ୍ନ ଅଂଶରୁ ପଲସ୍ତରା ଖସିବା ସହିତ ବଡ଼ ବଡ଼ ପଥରଖଣ୍ଡ ଭୁଷୁଡ଼ିଗଲାଣି । ଏହାଯୋଗୁଁ ପୋଲର ଉପର ଭାଗର ଦୁଇ ତିନୋଟି ସ୍ଥାନ ଦବିଯାଇ ଦୁର୍ଘଟଣାର କାରଣ ପାଲଟିଛି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲା ପରେ ଜଣେ କନିଷ୍ଠ ଯନ୍ତ୍ରୀ ପରିସ୍ଥିତି ଅନୁଧ୍ୟାନ କରିବା ସହିତ ସେଠାରେ 'ବିପଦସଂକୁଳ ପୋଲ-ଭାରିଯାନ ଚଳାଚଳ ନିଷେଧ' ବୋଲି ଏକ ଫଳକ ଲଗାଇ ଯାଇଛନ୍ତି । ତେବେ ଏହାର ସୁଦୃଢ଼ିକରଣ କାର୍ଯ୍ୟ କେବେ ହେବ ସେଥିନେଇ କୌଣସି ଉତ୍ତର ମିଳିନାହିଁ । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ତଥା ବ୍ୟସ୍ତବହୁଳ ପୋଲ ସ୍ଥାନରେ ଏକ ନୂତନ ପ୍ରଶସ୍ତ ସେତୁ ନିର୍ମାଣ କରିବାକୁ ଆଇନଜୀବୀ ଅଭିରାମ ପାତ୍ର, ପୂର୍ବତନ ସମିତି ସଭ୍ୟ କୈଳାସଚନ୍ଦ୍ର ସାହୁ, ପ୍ରତାପଚନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ଦିଲୀପକୁମାର ପାତ୍ର, ନାଏବ ସରପଞ୍ଚ ମନମୋହନ ପାତ୍ର, ରମେଶଚନ୍ଦ୍ର ସ୍ୱାଇଁ, ରବିନାରାୟଣ ଦାସ ଓ ଦିନେଶ ଦାସ ପ୍ରମୁଖ ଦାବି କରିଛନ୍ତି ।

## କଂଗ୍ରେସ ପ୍ରତିନିଧିଦଳର ଗୋପ ବନ୍ୟାଞ୍ଚଳ ପରିଦର୍ଶନ, ବିପନ୍ନ ଓ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବୀ



ଭୁବନେଶ୍ୱର (ପିଏନ୍)- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଓ ପିସିସି ବନ୍ୟା ଅନୁଧ୍ୟାନକାରୀ କମିଟିର ଅଧ୍ୟକ୍ଷ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନଗୋଙ୍କ ପରାମର୍ଶ କ୍ରମେ ପିସିସି ବନ୍ୟା ଅନୁଧ୍ୟାନକାରୀ କମିଟିର ସଦସ୍ୟ ତଥା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଗତ ୨୩ ତାରିଖ ପୂର୍ବାହ୍ନରେ ପୁରୀ ଜିଲ୍ଲାର ଗୋପ ବ୍ଲକ ଗସ୍ତକରି ବେଦପୁର ପଞ୍ଚାୟତ ଖଣ୍ଡିଆକୁଦଠାରେ କୁଶଭଦ୍ରା ଓ ଧନୁଆ ନଦୀର ବନ୍ୟାରେ ଘଳିଆ ସୃଷ୍ଟି ହୋଇଥିବା ସ୍ଥାନକୁ ପରିଦର୍ଶନ କରିବା ପରେ ଏହା ସମ୍ପୂର୍ଣ୍ଣ ମନୁଷ୍ୟକୃତ ବୋଲି ସେ ସରକାରଙ୍କୁ ଦାୟୀ କରିଛନ୍ତି । ମୁଖ୍ୟମନ୍ତ୍ରୀ ଦୀର୍ଘ ୧୭ ବର୍ଷଧରି ଜଳସେଚନ ବିଭାଗର ଦାୟିତ୍ୱରେ ଥିବା ବେଳେ ଧନୁଆ ବନ୍ୟାର ସ୍ଥାୟୀ ପ୍ରତିକାର କରାଗଲା ନାହିଁ । ଯାହା ଫଳରେ ୪୫ ଫୁଟର ଘାଇ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ହଜାର ହଜାର ଲୋକ ଆଜି ଜଳବନ୍ଦୀ । ୧୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିର ଫସଲ ସମ୍ପୂର୍ଣ୍ଣ ନଷ୍ଟ । ବିପନ୍ନମାନଙ୍କୁ ଗଣ୍ଡିଏ ଚୁଡ଼ା ଗୁଡ଼ ଛଡ଼ା ଆଉ କିଛି ଦିଆଯାଇ ନାହିଁ । ପଲିଥିନ୍ ଓ ମହମବତୀ ଖଣ୍ଡିଏ ପାଇବା ସାତ ସ୍ୱପ୍ନ ହୋଇଛି । ଏଠାରେ ଗୋ-ଖାଦ୍ୟ ସଙ୍କଟ । ସରକାର ଓ ପ୍ରଶାସନ କେବଳ ଲୋକ ଦେଖାଣିଆ କାର୍ଯ୍ୟ କରିବା ଓ ୧୫ ଦିନ ପାଇଁ ରିଲିଫ୍ ସାମଗ୍ରୀ ଘୋଷଣା କରାଯାଇଥିବା ବେଳେ ଏବେ ମାତ୍ର ଦୁଇ ତିନି ଦିନ ଯୋଗା ଯାଇଛି ଏଥିରେ ସରକାରଙ୍କ ପ୍ରଚାର ପ୍ରସାର ସର୍ବସ୍ୱ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଭାଙ୍ଗିଥିବା ବନ୍ଧ ନିକଟରେ ସ୍ଥାନୀୟ ଯନ୍ତ୍ରୀଙ୍କ ସହିତ ନଦୀବନ୍ଧ ଭାଙ୍ଗିଥିବା ସମ୍ପର୍କରେ ଶ୍ରୀ ପଟ୍ଟନାୟକ ବିସ୍ତୃତ ଆଲୋଚନା କରିଥିଲେ । ସରକାର ଯଥାଶୀଘ୍ର ବିପନ୍ନମାନଙ୍କୁ ଉଦ୍ଧାର କରିବା ସହିତ ଅଚ୍ୟୁତପୁର ଓ ଭଇଁଚୁଆ କାର୍ଯ୍ୟ ବନ୍ଦ କରିବା, ନଦୀବନ୍ଧର ଦୁଇ ପାର୍ଶ୍ୱ ସୁଦୃଢ଼ କରିବା, ୪୦୦ ଫୁଟ ବିଶିଷ୍ଟ ସିଆର କଟ୍‌ର ପୁନରୁଦ୍ଧାର, ଧନୁଆ ବନ୍ୟାର ସ୍ଥାୟୀ ପ୍ରତିକାର, ଫସଲ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଏକର ପିଛା ୩୦ ହଜାର ଟଙ୍କା ସହାୟତା ପ୍ରଦାନ, କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼, ସଅଳ କିସମ ବିହନ ଓ ଆବଶ୍ୟକ ସ୍ଥଳେ ବିଭିନ୍ନ ଚାରା, ଧାନତଳି ଯୋଗାଇ ଦେବା, ଭଗ୍ନ ନଦୀବନ୍ଧର ଆଶୁ ସ୍ଥାୟୀ ମରାମତି, ପ୍ରଭାବିତ ଗ୍ରାମଗୁଡ଼ିକରେ ଫ୍ରି କିଚେନ୍ ସେଣ୍ଟର, ଗୋରୁ ଗାଈଙ୍କ ପାଇଁ ମାଗଣାରେ ଗୋ-ଖାଦ୍ୟ ଯୋଗାଣ ପାଇଁ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି । ଯଦି ଏ ସବୁଗୁଡ଼ିକ ପ୍ରତି ସରକାର ଆଶୁ ଗୁରୁତ୍ୱ ନ ଦିଅନ୍ତି, ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଓ ଜିଲ୍ଲା କଂଗ୍ରେସ କମିଟି ସଭାପତି ରବିନ୍ଦ୍ର କୁମାର ସେଠୀଙ୍କ ନେତୃତ୍ୱରେ ଆଗାମୀ ଦିନରେ ବିପନ୍ନଙ୍କୁ ନେଇ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । କଂଗ୍ରେସ କମିଟି ପରିଦର୍ଶନ ସମୟରେ ଗୋପ ବ୍ଲକ କଂଗ୍ରେସ କମିଟି ସଭାପତି ଲକ୍ଷ୍ମୀଧର ପ୍ରଧାନ, ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ, ନାଗପୁର ସମିତି ସଭ୍ୟ ପଞ୍ଚାନନ ପରିଡ଼ା, ରାଧାଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସିକ୍ୟୁରିଟି ଗାର୍ଡ ଓ ରୋଗୀଙ୍କ ମଧ୍ୟରେ ଗଣ୍ଡଗୋଳ



ଚଣ୍ଡିଖୋଲ (ପିଏନ )-ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଅମାନବିକ ଘଟଣା ଘଟିଛି । ମାହାଙ୍ଗା ଥାନାର କୋଳିଅଠା ଗ୍ରାମର ତାପସରଞ୍ଜନ ସାହୁ ଓ ତାଙ୍କ ଭଉଣୀ ବଡ଼ଚଣା ମେଡ଼ିକାଲକୁ ତାଙ୍କ ଭଉଣୀର ଦେହ ଭଲ ନଥିବାରୁ ଡାକ୍ତରଙ୍କ ପାଖକୁ ଆସିଥିଲେ । କାର୍ଯ୍ୟରତ ଡାକ୍ତରଙ୍କୁ ଦେଖାକରିବାକୁ ଅନ୍ୟ ରୋଗୀଙ୍କ ଭଳି ଭାଇ ଭଉଣୀ ବହୁ ସମୟ ଧରି ଧାଡ଼ିରେ ଅପେକ୍ଷା କରିଥିଲେ । ମାତ୍ର ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ଧାଡି ଭାଙ୍ଗି ଭାଇଭଉଣୀ ଡାକ୍ତରଙ୍କୁ ଦେଖାକରିବାକୁ ଗଲାବେଳେ କାର୍ଯ୍ୟରତ ଘରୋଇ ସିକ୍ୟୁରିଟିଙ୍କ ସହିତ ଭାଇ ତାପସର ଯୁକ୍ତିତର୍କ ହୋଇଥିଲା ଓ ପରେ ପରେ ଉଭୟଙ୍କ ମଧ୍ୟରେ ବଚସା ଧସ୍ତାଧସ୍ତି ହୋଇଥିଲା । ନିକଟରେ ଥିବା ଆଉ ଦୁଇଜଣ ସିକ୍ୟୁରିଟି କର୍ମଚାରୀ ମିଶି ତାପସଙ୍କୁ ତଳେ ପକାଇ ମାଡ଼ ମାରୁଥିବା ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ଏହି ସମୟରେ ସାଙ୍ଗରେ ଆସିଥିବା ବିଚାରି ରୋଗୀ ଭଉଣୀ ମୋ ଭାଇଙ୍କୁ ଛାଡି ଦିଅ ବୋଲି କାକୁତି ମିନତି ହେଉଥିବା ଭିଡ଼ିଓରେ ଦେଖାଯାଉଛି । ଭଉଣୀ ଯେତେ କାକୁତିମିନତି ହୋଇ କହିଲେ ମଧ ଘରୋଇ ସିକ୍ୟୁରିଟିମାନେ ନଛୋଡ଼ବନ୍ଧା ହୋଇ ଭଉଣୀ ଆଗରେ ଭାଇକୁ ତଳେ ପକେଇ ଅସଭ୍ୟ ଭାଷାରେ ଗାଳି କରୁଥିବା କିଛି ପ୍ରତ୍ୟକ୍ଷଦର୍ଶୀ ମଧ ସୂଚନା ଦେଇଛନ୍ତି । ପରେ ଖବର ପାଇ ବଡଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା । ଏଥିନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ବଡ଼ଚଣା ଥାନା ପକ୍ଷରୁ ସୂଚନା ମିଳିଛି । ଅନ୍ୟପଟେ ସିକ୍ୟୁରିଟିଙ୍କର ଏଭଳି କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ନାପସନ୍ଦ କରିଥିବା ବେଳେ ପୂର୍ବରୁ କାର୍ଯ୍ୟରତ ସିକ୍ୟୁରିଟିଙ୍କର ରୋଗୀଙ୍କ ପ୍ରତି ବ୍ୟବହାର ଖରାପ ରହିଥିଲା ବୋଲି କିଛି ରୋଗୀ ଅଭିଯୋଗ କରିଛନ୍ତି । ବେଳେବେଳେ କାର୍ଯ୍ୟରତ ସିକ୍ୟୁରିଟିମାନେ ଡ୍ୟୁଟି ସମୟରେ ମଦ୍ୟପାନ କରି କାର୍ଯ୍ୟ କରୁଥିବା ନଜିର ଅଛି ବୋଲି ସ୍ଥାନୀୟ କିଛି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି । ଏଥିନେଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ପଚାରିବାରୁ ଘଟଣା ଘଟିଥିବା ସତ୍ୟ ମାତ୍ର ପ୍ରଥମେ ରୋଗୀଙ୍କ ଭାଇ ଧାଡି ଭାଙ୍ଗି ଡାକ୍ତରଙ୍କୁ ଦେଖାକରିବାକୁ ଉଦ୍ୟମ କରିବାରୁ ଓ ସେହି ସମୟରେ କାର୍ଯ୍ୟରତ ସିକ୍ୟୁରିଟି ତାଙ୍କୁ ଅଟକାଇବାକୁ ନେଇ କିଛି ଗଣ୍ଡଗୋଳ ଘଟିଛି ଓ ପରେ ଉଭୟ ପକ୍ଷରୁ ଏହାର ସମାଧାନ ହୋଇଥିଲା ବୋଲି କହିଥିଲେ ।

## ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚ ପକ୍ଷରୁ ରିଲିଫ୍ ବଂଟନ

ଭୁବନେଶ୍ୱର/ନିମାପଡ଼ା (ପିଏନ୍): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ସଲଙ୍ଗ ଗ୍ରା.ପ. ଆମରଙ୍ଗ ହରିଜନ ସାହିରେ ବେସରକାରୀ ରିଲିଫ୍ ପ୍ରଥମେ ପହଂଚିଥିବାରୁ ବନ୍ୟା ଘେରରେ ଥିବା କ୍ଷତିଗ୍ରସ୍ତ ଜନସାଧାରଣ ଆଶ୍ୱସ୍ତି ଲାଭ କରିଥିବା ଦେଖିବାକୁ ମିଳିଥିଲା । ସରକାରୀ ରିଲିଫ୍ ମୁଣ୍ଡ ପିଛା ୨୫୦ ଗ୍ରାମ ଚୂଡ଼ା, ଗୁଡ଼ ୧ ପ୍ୟାକେଟ୍ ଦିଆଯାଇଥିବା ବେଳେ ୪ଦିନ ଧରି ପାଣିଘେରରେ ଥିବା ବନ୍ୟାକ୍ଲିଷ୍ଟଙ୍କୁ ବେସରକାରୀ ରିଲିଫ୍ ସେମାନଙ୍କ ମୁହଁରେ ହସ ଫୁଟାଇଛି । ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚ ରାଜ୍ୟ ଓ ନିମାପଡ଼ା ଶାଖା ମିଳିତ ସହଯୋଗରେ ବନ୍ୟା ଦୁର୍ଗତଙ୍କୁ ଗତ ରବିବାର ଦିନ ରିଲିଫ୍ ସାମଗ୍ରୀ ବଂଟନ କରାଯାଇଥିଲା । ଏହି ଅଂଚଳର ବାସିନ୍ଦାମାନେ ଗତ ୫ ଦିନ ହେଲା ପାଣିଘେରରେ ଥିବାବେଳେ ଉଚ୍ଚ ସ୍ଥାନକୁ ଆଶ୍ରୟ ନେବା ପାଇଁ ଚାଲିଯାଇଥିବା ଦେଖିବାକୁ ମିଳିଥିଲା । ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳ ପାଇବାରେ କଷ୍ଟ ଅନୁଭବ ହୋଇଥିବା ଉପଲବ୍ଧି କରି ମଂଚ ରାଜ୍ୟ ସାଧାରଣ ସଂପାଦକ ଡ଼ଃ ଜଗବନ୍ଧୁ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରିଲିଫ୍ ସାମଗ୍ରୀ ବଂଟନ କରାଯାଇଥିଲା । ୧୨୦ଟି ପରିବାର ପାଇଁ ପାଉଁରୁଟି, ୫ ଲିଟରିଆ ପାଣି, ବିସ୍କୁଟ ଇତ୍ୟାଦି ବଂଟନ କରାଯିବା ସାଙ୍ଗକୁ ବିପନ୍ନଙ୍କ ନିକଟରେ ବ୍ଲକ୍ ପ୍ରଶାସନ ପହଂଚିବା ପାଇଁ ବିଡ଼ିଓଙ୍କୁ ଅନୁରୋଧ କରାଯାଇଥିଲା । ମଂଚ ରାଜ୍ୟ ଉପାଧ୍ୟକ୍ଷ ଆଇନଜୀବୀ ସୁଧୀର ମହାନ୍ତି, କୋଷାଧ୍ୟକ୍ଷ ଅମୀର ପ୍ରସାଦ ସାହୁ, ନିମାପଡ଼ା ଶାଖା ଉପ-ସଭାପତି ଆର୍ତ୍ତବନ୍ଧୁ ସେନାପତି, ସଂପାଦକ ପ୍ରଶାନ୍ତ କୁମାର ସାହୁ, ସତ୍ୟ ଖବର ସଂପାଦକ ଅକ୍ଷୟ ନାୟକ, ନିହିଡ଼ା ସାମାଜିକ ସଂଗଠନର ସଂପାଦକ ଭକ୍ତ ବିହାରୀ ମିଶ୍ର ଗ୍ରାମରେ ଉପସ୍ଥିତ ରହି ରିଲିଫ୍ ସାମଗ୍ରୀ ବଂଟନରେ ସହଯୋଗ କରିଥିଲେ ।

## ଜିଲ୍ଲା କଂଗ୍ରେସ ତରଫରୁ ରାଜୀବଜୀଙ୍କ ଜୟନ୍ତୀ ପାଳିତ

ରାଉରକେଲା (ପିଏନ୍): ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆଧୁନିକ ଭାରତ ନିର୍ମାଣର ଅନ୍ୟତମ ବିନ୍ଧାଣୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କର ୭୮ତମ ଜନ୍ମବାର୍ଷିକୀ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଲଗାଣ ବର୍ଷା ସତ୍ତ୍ୱେ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାମାନେ ସକାଳ ୧୦ ଘଟିକା ସମୟରେ ଟ୍ରାଫିକ୍ ଛକଠାରେ ଅବସ୍ଥିତ ରାଜୀବଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସମବେତ ହୋଇ ପ୍ରିୟ ନେତା ରାଜୀବଜୀଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ରହି ରାଜୀବଜୀଙ୍କ ସ୍ମୃତିଚାରଣ କରିଥିଲେ । ତାଙ୍କ ନେତୃତ୍ୱରେ ଦେଶରେ ଆରମ୍ଭ ହୋଇଥିବା କମ୍ପ୍ୟୁଟର ବିପ୍ଲବର ସୁଫଳ ଆଜି ସାରା ଦେଶବାସୀ ଉପଭୋଗ କରୁଛନ୍ତି ବୋଲି ନେତୃବୃନ୍ଦ ପ୍ରକାଶ କରି ଆଜିର ଡିଜିଟାଲ ଇଣ୍ଡିଆ ତାଙ୍କର ଶ୍ରେଷ୍ଠ ଅବଦାନ ବୋଲି ମତପ୍ରକାଶ କରିଥିଲେ । କ୍ଷମତାର ବିକେନ୍ଦ୍ରୀକରଣ କରିବାକୁ ଯାଇ ସେ ଯେଉଁ ନଗରପାଳିକା ବିଲ୍ ଆଣିଥିଲେ, ଆଜି ମଧ ଦେଶବାସୀ ତା'ର ସୁଫଳ ପାଉଛନ୍ତି ବୋଲି ନେତୃବୃନ୍ଦ ମତବ୍ୟକ୍ତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶସେବାରେ ନିଷ୍ଠାର ସହିତ ନିଜକୁ ନିୟୋଜିତ କରିପାରିଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ ବୋଲି ଏହି ଅବସରରେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସି ପୂର୍ବତନ ସମ୍ପାଦକ ସବୀର ହୁସେନ ଓ ଗଣେଶ ପ୍ରଧାନ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଉପସଭାପତି କୀର୍ତ୍ତନ ଦାସ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ ଓ ରଘୁନାଥ ଦାସ, ସେବାଦଳର ଘିସାଲାଲ ଶର୍ମା ଓ ବୁଲୁ ଦାସ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା ପ୍ରମୁଖ ଉପସ୍ଥିତ ରହି ରାଜୀବଜୀଙ୍କ ସ୍ମୃତିଚାରଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ସଦ୍‌ଭାବନା ଦିବସ ପାଳନ ଅବସରରେ ଶପଥ ପାଠ

ବାଲେଶ୍ୱର (ପିଏନ୍)-ସଦ୍‌ଭାବନା ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶପଥ ପାଠ କାର୍ଯ୍ୟକ୍ରମ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଗୃହ ବିଭାଗ ଓ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଜାତି, ସମ୍ପ୍ରଦାୟ, ଧର୍ମ, କ୍ଷେତ୍ର ଓ ଭାଷାର ଭେଦଭାବ ବିନା ସମସ୍ତ ଭାରତୀୟଙ୍କ ଭାବନାତ୍ମକ ଏକତା ଏବଂ ସଦ୍‌ଭାବନା ନିମନ୍ତେ କାର୍ଯ୍ୟ କରିବା ଏବଂ ହିଂସାର ଆଶ୍ରୟ ନ ନେଇ ସମସ୍ତପ୍ରକାର ମତଭେଦକୁ କଥାବାର୍ତ୍ତା, ଆଲୋଚନା ଓ ସାମ୍ବିଧାନିକ ବିଧି ମୁତାବକ ସମାଧାନ କରିବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ କୁନ୍ତଳା କୁମାରୀ ମଲ୍ଲିକ, ସହକାରୀ ଜିଲ୍ଲାପାଳ ସ୍ୱାଗତିକା ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ବିଶ୍ୱଦର୍ଶୀ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ, କର୍ମଚାରୀ, ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସିଡିପିଓ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଏହି ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସରକାରୀକୃତ ବନ୍ୟା ଯୋଗୁଁ ରାଜ୍ୟର ୧୦ ଲକ୍ଷ ଲୋକ ଦୁର୍ଦ୍ଦଶାରେ : ଶରତ ପଟ୍ଟନାୟକ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଦେଖା ଦେଇଥିବା ଭୟଙ୍କର ବନ୍ୟାରେ ୧୫ ଟି ଜିଲ୍ଲା ପ୍ରଭାବିତ ହୋଇଥିଲାବେଳେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପାଣି ଘେରରେ ରହିଛନ୍ତି। ହଜାର ହଜାର ଏକର ଫସଲ ଜଳମଗ୍ନ ହୋଇ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଗୃହପାଳିତ ପଶୁ ନାହିଁ ନଥିବା ଯାତନା ଭୋଗୁଛନ୍ତି। ଲୋକଙ୍କ ପାଖରେ ରିଲିଫ୍ ପହଂଚିପାରିଲା ନାହିଁ କି ସରକାରୀ କଳ ଲୋକଙ୍କ ଦୁର୍ଦ୍ଦଶା ଆକଳନ କରିବା ପାଇଁ ଗ୍ରାଉଣ୍ଡ ଜିରୋରେ ପହଂଚିଲେ ନାହିଁ। ସରକାରଙ୍କର ଅଦୁରଦର୍ଶିତା ଓ ଅପରିଣାମଦର୍ଶିତା ପାଇଁ ରାଜ୍ୟବାସୀ ବନ୍ୟାରେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଯଦି ରାଜ୍ୟ ସରକାରଙ୍କର ସତ୍‌ସାହସ ଅଛି ଓ ବନ୍ୟାର ନିୟନ୍ତ୍ରଣ ପାଇଁ ସାମନ୍ୟତମ ଆନ୍ତରିକତା ଅଛି ତେବେ ସର୍ବଦଳୀୟ ଓ ବିଶେଷଜ୍ଞମାନଙ୍କ ବୈଠକ ଡାକନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଆହ୍ୱାନ ଜଣାଇଛନ୍ତି। ଶୁକ୍ରବାର କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, କଂଗ୍ରେସ ଦଳ ପକ୍ଷରୁ ଏକ ବନ୍ୟା ଅନୁଧ୍ୟାନକାରୀ କମିଟି ରାଜ୍ୟର ପ୍ରଭାବିତ ୧୫ ଜିଲ୍ଲା ଗ୍ରସ୍ତ କରି ପରିସ୍ଥିତି ପରିଖିଥିଲେ ଓ ପ୍ରଭାବିତ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ସେଥିରୁ ସରକାର କେବଳ ମିଛ ପ୍ରଚାରରେ ବ୍ୟସ୍ତ ବୋଲି ଜଣାପଡ଼ିଲା। ବନ୍ୟାର ବେଶ୍ ପୂର୍ବରୁ ଘାଇ ବନ୍ଧ ମରାମତି ପାଇଁ କୋଟି କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ଏତେ ଘାଇ ସାରା ୧୫ ଟି ଜିଲ୍ଲାରେ କିଭଳି ହେଲା ଏହା ଏଥିପାଇଁ ସରକାର କାହାକୁ ଦାୟୀ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। କେତେ ବନ୍ୟା ଜଳ ଆସିବ ଓ କେତେ ଅଂଚଳ ପ୍ରଭାବିତ ହେବ ତା'ର ସମସ୍ତ ତଥ୍ୟ ଥାଇ ମଧ୍ୟ ସରକାର ଏବଂ ସରକାରଙ୍କ ପଦସ୍ଥ ବାବୁମାନେ ସଠିକ୍ ଆକଳନ କରିବା ପରିବର୍ତ୍ତେ ଗଣମାଧ୍ୟମରେ ବିଭ୍ରାନ୍ତିକର ସୂଚନା ଦେଇ ଲୋକଙ୍କୁ ଚରମ ଦୁର୍ଦ୍ଦଶା ଓ ଦୁର୍ଦ୍ଦିନ ଭିତରକୁ ଠେଲିଦେଲେ। ଅନେକ ସ୍ଥାନରେ ଘାଇ ହୋଇ ଲୋକ ଭାସିଗଲେ ହେଲେ ସରକାର ଜିରୋ କାଜୁଆଲଟିର ମିଛ ଗପ ଗପୁଛନ୍ତି। ବନ୍ୟା ଅନୁଧ୍ୟାନ କମିଟିର ଅଧ୍ୟକ୍ଷ ପଂଚାନନ କାନୁନ୍‌ଗୋ କହିଛନ୍ତି ଯେ, ଏହି ବନ୍ୟାରେ ୧୭ ଜଣଙ୍କ ଜୀବନ ଯାଇଛି। କିନ୍ତୁ ବନ୍ୟା ଛାଡ଼ିଯିବା ପରେ ଜଳବାହିତ ରୋଗ ଅତି ଗୁରୁତ୍ୱର ଆକାରରେ ଧାରଣ କରିବାକୁ ଯାଉଛି। ସରକାର ସେଥିପ୍ରତି ଧ୍ୟାନ ଦିଅନ୍ତୁ ଓ ବନ୍ୟାକ୍ଲିଷ୍ଟ ଲୋକଙ୍କୁ ହାଲୋଜିନ୍ ଟାବେଲ୍‌ଟ ଦିଆଯାଉ। ୧୫ ଦିନ ପାଇଁ ପ୍ରତି ଗାଈଗୋରୁ ଙ୍କ ପାଇଁ ୩ କେ.ଜି ଲେଖାଏଁ ଗୋଖାଦ୍ୟ ଦିଆଯାଉ। ବନ୍ୟାଂଚଳର ସମସ୍ତଙ୍କୁ ୩୦ ଫୁଟ ଲମ୍ବ ଓ ୬ ଫୁଟ ଚଉଡ଼ାର ପାଲ ଯୋଗାଇ ଦିଆଯାଉ। ସହଳ କିଷମର ବିହନ କୃଷକମାନଙ୍କୁ ତୁରନ୍ତ ଯୋଗାଇ ଦିଆଯାଉ। ମାଛ ଛାଷୀମାନଙ୍କୁ ଏକର ପିଛା ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ୩୫ ହଜାର ହେକ୍ଟର ଧାନ ଫସଲରୁ ୧୫ ହଜାର ହେକ୍ଟର ସଂପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ତେଣୁ ହେକ୍ଟର ପିଛା ୩୦ ହଜାର ଟଙ୍କା କ୍ଷତିପୂରଣ ଦିଆଯାଉ। ସେହିଭଳି ପନିପରିବା ଚାଷ, ଚାଷୀ ଭାଇମାନଙ୍କୁ ଏକର ପିଛା ଅନ୍ୟୁନ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା କରନ୍ତୁ। ପଶ୍ଚିମ ଓଡ଼ିଶାରେ ମରୁଡ଼ି ଓ ଏପଟେ ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ବିଫଳ ରାଜ୍ୟ ସରକାର ତୁରନ୍ତ ବିଶେଷଜ୍ଞ କମିଟି ଓ ସର୍ବଦଳୀୟ ବୈଠକ ଡାକନ୍ତୁ। ସାମ୍ବାଦିକ ସମ୍ମିଳନୀରେ ବିଧାୟକ ସୁରେଶ କୁମାର ରାଉତରାୟ , ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଓ ପି.ସି.ସି କୃଷକ ସେଲ୍‌ର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଗାଁ ଗାଁରେ 'ପ୍ରଧାନମନ୍ତ୍ରୀ ମନ୍ କି ବାତ୍' ଶୁଣିବାକୁ ଆହ୍ୱାନ ଦେଲା ବିଜେପି

ଭୁବନେଶ୍ୱର,(ପି.ଏନ): ଦେଶର ପ୍ରଧାନମନ୍ତ୍ରୀ ଯଶସ୍ୱୀ ଶ୍ରୀ ନରେନ୍ଦ୍ର ମୋଦି ପ୍ରତ୍ୟେକ ମାସର ଶେଷ ରବିବାର ଦିନ ୧୧ଟା ବେଳେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥାନ୍ତି। ୨୦୧୪ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଶପଥ ନେବା ପରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅଗଷ୍ଟ ୨୮ତାରିଖ ଦିନ ୯୨ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଏହାକୁ ଭାରତୀୟ ଜନତା ପାର୍ଟିର ସମସ୍ତ କାର୍ଯ୍ୟକର୍ତ୍ତା, ଜନପ୍ରତିନିଧି ଓ ସାଧାରଣ ଜନତା ଶୁଣିବାକୁ ରାଜ୍ୟ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଅନୁରୋଧ କରିଛନ୍ତି।'ମନ୍ କି ବାତ୍' ମାଧ୍ୟମରେ ପ୍ରଧାନମନ୍ତ୍ରୀ ରାଜନୈତିକ, ସାମାଜିକ ଏବଂ ଦେଶ ନିର୍ମାଣର କଥା କହିଥାନ୍ତି। ସ୍ୱଚ୍ଛତା, ବର୍ଯ୍ୟାବରଣ ସୁରକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା, ମହିଳାଙ୍କ ସମ୍ମାନ, ସୁରକ୍ଷା ଓ ସ୍ୱାବଲମ୍ବି, ଯୁବକଙ୍କ ରୋଜଗାର, କୃଷକମାନେ ଆୟକୁ ଦୁଇଗଣା କରିବେ ସେ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ପାଖରେ ସିଧାସଳଖ 'ମନ କି ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ପାଖରେ ପଂହଚାଇଥାନ୍ତି। ଶ୍ରୀ ମୋଦି ବିଶ୍ୱର ଏକମାତ୍ର ଜନନେତା ଯିଏ କି ବିଭିନ୍ନ ବିଷୟକୁ ଯାହାକି ସମସ୍ତଙ୍କ ମଙ୍ଗଳ ନିମନ୍ତେ ଉର୍ଦ୍ଧିଷ୍ଟ ତାହା କରୁଛନ୍ତି। 'ମନ୍ କି ବାତ୍' ଭାରତ ବର୍ଷରେ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। 'ମନ କି ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ବହୁ ମାତ୍ରରେ ଉନ୍ନତି ଘଟିଛି ବୋଲି ଡ. ଲେଖାଶ୍ରୀ କହିଛନ୍ତି।ଓଡିଶାରେ ବିଭିନ୍ନ ଆଳ ଦେଖାଇ ରବିବାର ବିଦ୍ୟୁତ ବିଭାଗ ଅଧିକାରୀମାନେ ପାୱାର କଟ୍ କରୁଛନ୍ତି।

## ତାଳଚେର ସାର କାରଖାନାର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,(ପି.ଏନ): କେନ୍ଦ୍ର ସାର ଓ ରସାୟନ, ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଗୱନ୍ତ ଖୁବା ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ତାଳଚେର ସାର କାରଖାନାର ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି । ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି କେନ୍ଦ୍ର ମନ୍ତ୍ରୀ ତାଳଚେର ଠାରେ ସାର କାରଖାନା ପ୍ରକଳ୍ପର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନିରୀକ୍ଷଣ କରିବା ସହ ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ସେ ପ୍ରକଳ୍ପ ପରିଚାଳନା ସମୀକ୍ଷା କରିବା ସହିତ ତାଳଚେର ସାର କାରଖାନା ଏବଂ ପିଡିଆଇଏଲର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ଜରୁରୀ ସମୀକ୍ଷା ବୈଠକ କରିଥିଲେ । କେନ୍ଦ୍ର ମନ୍ତ୍ରୀ ସେମାନଙ୍କ ଠାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ଏହାପରେ ସେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ନିୟୋଜିତ କଣ୍ଟ୍ରାକ୍ଟର ଓ ସହାୟକମାନଙ୍କ ସହିତ ଆଲୋଚନା କରିଥିଲେ । ସେମାନଙ୍କର କାର୍ଯ୍ୟ ଏବଂ ପ୍ରକଳ୍ପର ପ୍ରଗତି ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ପଚାରି ବୁଝିଥିଲେ । କେନ୍ଦ୍ର ମନ୍ତ୍ରୀ କାରଖାନା ପ୍ରକଳ୍ପ କ୍ଷେତ୍ର ବୁଲିବା ସହିତ ସବୁ ୟୁନିଟର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ । ଏହାପରେ ସେ ରେଳ କରିଡର, ପାଣି ପାଇପଲାଇନ କରିଡର ଏବଂ ବ୍ରାହ୍ମଣୀ ନଦୀ ଠାରେ ଇନଟେକ ୱେଲ୍ ପମ୍ପହାଉସ ସୁବିଧା ପରିଦର୍ଶନ କରିଥିଲେ। ନିର୍ଦ୍ଧାରିତ ସମୟରେ ତାଳଚେର ସାର କାରଖାନା କାର୍ଯ୍ୟକ୍ଷମ କରିବା ଏବଂ ଏଠାରୁ ଯଥାଶୀଘ୍ର ୟୁରିଆ ଉତ୍ପାଦନ ଆରମ୍ଭ କରିବା ଉପରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଖୁବା ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଟିଏଫଏଲ ଏବଂ ପିଡିଆଇଏଲର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଆରସିଏଫର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀନିବାସ ସି. ମୁଦଗେରିକର, ଟିଏଫଏଲର ଅଧ୍ୟକ୍ଷ ଦେବାଶିଷ ନନ୍ଦ, ଆରସିଏଫଏଲର ବୈଷୟିକ ନିର୍ଦ୍ଦେଶକ ମିଲିନ୍ଦ ଏମ ଦେଓ, ଟିଏଫଏଲର ପରିଚାଳନା ନିର୍ଦ୍ଦେଶକ ଏସ ଏନ ଯାଦବ, ସିଆଇଏଲର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଏ କେ ସାମନ୍ତରାୟଙ୍କ ସମେତ ତାଳଚେର ସାର କାରଖାନା ପ୍ରକଳ୍ପ, ଜିଲ୍ଲା ପ୍ରଶାସନ, କୋଲ ଇଣ୍ଡିଆର ବରିଷ୍ଠ ଅଧିକାରୀମାନଙ୍କ ସହିତ କେନ୍ଦ୍ର ମନ୍ତ୍ରୀ ବୈଠକରେ ଆଲୋଚନା କରିଥିଲେ ।

## ବିଏମ୍‌ସି ଅଫିସ୍ ଘେରିଲା ବିଜେପି

ଭୁବନେଶ୍ୱର,(ପି.ଏନ): ରାଜଧାନୀ ଅଳିଆ ନଉଠିବାକୁ ବିରୋଧ କରି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଶୁକ୍ରବାର ବିଏମସି କାର୍ଯ୍ୟାଳୟ ଘେରାଉ କରାଯାଇଛି। ବିଜେପିର ଶହ ଶହ କାର୍ଯ୍ୟକର୍ତ୍ତା ଏକ ଶୋଭାଯାତ୍ରାରେ ଆସି ବିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ କାର୍ଯ୍ୟାଳୟ ସମ୍ମୁଖରେ ଅଳିଆ ଆବର୍ଜନା ପକାଇ ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କିରିଥିଲେ । ପରେ ବିଏମ୍‌ସିର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟି ଦାବି ପତ୍ର ଦେଇଥିଲେ । ଆଗାମୀ ୪୮ଘଂଟା ମଧରେ ଭୁବନେଶ୍ୱରରୁ ଅଳିଆ ନଉଠିଲେ ବିଜେପି ଆନ୍ଦୋଳନକୁ ତୀବ୍ରତର କରିବା ସହ ମେୟର ଓ କମିଶନରଙ୍କୁ ରାସ୍ତାରେ ଚଲାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି। ଭୁବନେଶ୍ୱର ବିଜେପି ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଆବର୍ଜନା ଘେରରେ ବେହାଲ ହେଉଛି ରାଜଧାନୀ ଭୁବନେଶ୍ୱର। ଅସହ୍ୟ ଦୁର୍ଗନ୍ଧରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି ରାଜଧାନୀବାସୀ। ଦାରୁଠେଙ୍ଗ ଡମ୍ପିୟାର୍ଡ୍ ସମସ୍ୟାର ସମାଧାନ ହୋଇପାରୁନି। ତେଣୁ ଏବେ ସହରରେ ଜୁଆଡେ ଚାହିଁଲେ ଖାଲି କୁଡ଼ କୁଡ଼ ଅଳିଆ ଆବର୍ଜନା ଜମା ହୋଇ ରହିଛି। ରାଜଧାନୀ ପରିମଳ ବ୍ୟବସ୍ଥା ବିଗିଡି ଥିବାବେଳେ ଏହାଦ୍ୱାରା ସ୍ମାର୍ଟ ସିଟିର ଛବି ମଳିନ ହେଉଛି। ବିଏମ୍‌ସି କର୍ତ୍ତୃପକ୍ଷ ହାତ ଟେକି ଦେଇଛନ୍ତି। ବିଏମ୍‌ସି ମେୟର, କମିଶନର ଏକ ପ୍ରକାର ଅସହାୟ ହୋଇ ପଡିଲେଣି ଯେମିତି ସମସ୍ୟାର ସମାଧାନ ପାଇଁ ବୈଠକ କରୁଛନ୍ତି ସତ କିନ୍ତୁ ସମାଧାନର ବାଟ ବାହାରିପାରୁ ନାହିଁ। ଆଜିର ଏହି ବିକ୍ଷୋଭରେ ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ବିଜେପି ମେୟର ପ୍ରାର୍ଥୀନି ସୁନୀତି ମୁଣ୍ଡ, ଜିଲ୍ଲା ସାଧାରଣ ସଂପାଦକ ହିଂମାଶୁ ଶେଖର ଛୋଟରାୟ, ଅଭିଷେକ ଆଚାର୍ଯ୍ୟ, ଦିଲ୍ଲୀପ ବେହେରା, ଜିଲ୍ଲା ଉପସଭାପତି ନିରଞ୍ଜନ ରାଉତରାୟ, ସୁର ଜେନା, ରାଜେନ୍ଦ୍ର ଦାସ, ଧୀରେନ ପାତ୍ର, ମାନସୀ ରାୟ, ତୃପ୍ତିମୟୀ ମକଦ୍ଦମ, ମନୋରଞ୍ଜନ ସ୍ୱାଇଁ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲୀ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର, ବିଜେପି କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଖାଦ୍ୟ ଆୟୋଗଙ୍କ ଝାରସୁଗୁଡ଼ା ଗସ୍ତ

ଝାରସୁଗୁଡ଼ା,(ପି.ଏନ): ରାଜ୍ୟ ଖାଦ୍ୟ ଆୟୋଗ ଝାରସୁଗୁଡ଼ାକୁ ଦି ଦିନିଆ ଗସ୍ତରେ ଆସି ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ୨୪ତାରିଖରେ ଆୟୋଗ ଦୁର୍ଲଗାସ୍ଥିତ ଯୋଗାଣ ବିଭାଗର ସୁଲଭ ମୂଲ୍ୟ ଦୋକାନ ପରିଦର୍ଶନ କରିବା ସହ ବୋର୍ଡ ଓ ରେଜିଷ୍ଟାର ଯାଂଚ କରିଥିଲେ ।ସାଧାରଣ ବଣ୍ଟନ ବ୍ୟବସ୍ଥା ହିତାଧିକାରୀମାନଙ୍କୁ ଚାଉଳ ଗହମ ଆଦି ଖାଦ୍ୟ ଶସ୍ୟ ଠିକ ଭାବରେ ବଣ୍ଟନ କରାଯାଉଛି କି ନାହିଁ ପଚାରି ବୁଝିଥିଲେ । ପରେ ଆୟୋଗ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଇଁ ବ୍ୟବହୃତ ସାମଗ୍ରୀ ଯାଂଚ କରିଥିଲେ । ବେଦାନ୍ତ ଶିକ୍ଷାନୁଷ୍ଠାନରେ ସି ଏସ୍ ଆର୍ ଅନ୍ତର୍ଗତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୁଷ୍ଟି ସାଧନ କେନ୍ଦ୍ରରେ ପୁଷ୍ଟିହୀନତାର ଶିକାର ଶିଶୁ ମାନଙ୍କୁ ଦିଆଯାଉଥିବା ପୁଷ୍ଟିଯୁକ୍ତ ଖାଦ୍ୟ ଓ ଔଷଧ ସମ୍ପର୍କରେ ପଚାରି ବୁଝିଥିଲେ । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଆୟୋଗ ଅଧ୍ୟକ୍ଷ ପ୍ରମୋଦ କୁମାର ମେର୍କାପ ଓ ସଭ୍ୟ ଦିଗବିଜୟ ନାଥ ପାଢ଼ୀ ଯୋଗ ଦେଇଥିଲେ । ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ଆଲୋଚନା କରି ଆୟୋଗ ଖାଦ୍ୟ ସୁରକ୍ଷା ସାଧାରଣ ଲୋକଙ୍କ ଅଧିକାର ହୋଇଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଯେପରି ସେମାନଙ୍କ ପ୍ରାପ୍ୟ ଖାଦ୍ୟ ସାମଗ୍ରୀରୁ ବଂଚିତ ନ ହୁଅନ୍ତି ସେ ଦିଗରେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହ ସଠିକ ହିତାଧିକାରୀ ଚୟନ ପୂର୍ବକ ରାସନ କାର୍ଡ଼ ଯୋଗାଣ ପାଇଁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଶିଶୁ ସୁସ୍ଥ ସବଳ ହେବା ଆବଶ୍ୟକ , ସେ ଦୃଷ୍ଟିରୁ ଗର୍ଭବତୀ ମହିଳାଙ୍କୁ ଏବଂ ପ୍ରସବ ପରବର୍ତ୍ତୀ ମହିଳାମାନଙ୍କୁ ତିନି ମାସ ଧରି ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ପଚାରି ବୁଝିଥିଲେ । ମାଆ ମାନେ ଯେପରି ନିୟମିତ ସ୍ୱାସ୍ଥ୍ୟ ବଟିକା ସେବନ କରନ୍ତି ସେ ଦିଗରେ ଦୃଷ୍ଟି ରଖିବାକୁ ପରାମର୍ଶ ଦେଇ ଆୟୋଗ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟ ଓ ବିଦ୍ୟାଳୟମାନଙ୍କରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ କିପରି ଅଧିକ ପୁଷ୍ଟିଯୁକ୍ତ ହୋଇପାରିବ ସେ ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଆଦର୍ଶ ସୁଲଭ ମୂଲ୍ୟ ଦୋକାନ ପ୍ରସ୍ତୁତି ଓ ନିୟମିତ ସୋସିଆଲ ଅଡିଟ୍ ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । ଆୟୋଗ ଜିଲ୍ଲାରେ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲାପାଳ ସରୋଜ କୁମାର ସାମଲ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟମାନଙ୍କରେ ପୁଷ୍ଟି ଯୁକ୍ତ ଖାଦ୍ୟ ଯୋଗାଣ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆୟୋଗଙ୍କୁ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ଆୟୋଗଙ୍କ ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର ଷଡ଼ଙ୍ଗୀ , ପରାମର୍ଶଦାତା ତମାଲ ରେଜା , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତପିରାମ ମାଝୀ , ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ପ୍ରବୀର କୁମାର ନାୟକ , ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ ) ଲଙ୍କେଶ୍ୱର ଅମାତ , ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲମଣି ସେଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପୃଥକ୍ ପୃଥକ୍ ଘଟଣାରେ ପୋଖରୀରେ ବୁଡି ଦୁଇ ମୃତ

ଗଞ୍ଜାମ,(ପି.ଏନ): ଗଞ୍ଜାମ ଜିଲ୍ଲା କୋଦଳା ଓ ବୁଗୁଡ଼ା ବ୍ଲକ ଅଂଚଳରେ ପୃଥକ୍ ପୃଥକ୍ ଘଟଣାରେ ପୋଖରୀରେ ବୁଡି ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଜଣେ ଯୁବକ ଓ ଅନ୍ୟ ଜଣେ ମହିଳା ରହିଛନ୍ତି। ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଗୁଡିଆଳି ଗ୍ରାମ ସାନସାହିର ଜଣେ ଯୁବକ ବାବୁଲା ନାୟକ ଆଜି ସକାଳେ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାବଶତଃ ପାହାଚରୁ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ । ବାବୁଲା ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିଥିଲେ ଏବଂ ପରେ ପୋଖରୀରୁ ତାଙ୍କୁ ମୁର୍ମୂଷୁ ଅବସ୍ଥାରେ ଉଦ୍ଧାର କରିଥିଲେ । ବାବୁଲାଙ୍କୁ ଚିକିତ୍ସା ନିମନ୍ତେ କୋଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କୋଦଳା ଥାନା ପୋଲିସ ମେଡିକାଲରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି । ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।ସେହିପରି ବୁଗୁଡ଼ା ବ୍ଲକ କଳମ୍ବ ପଂଚାୟତ ଅନ୍ତର୍ଗତ ଘୋଡ଼ାପଲ୍ଲୀ ଗ୍ରାମର ଜଣେ ମହିଳା ଆଜି ସକାଳେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ପାହାଚରୁ ଗୋଡ ଖସିଯିବାରୁ ଗଭୀର ଜଳରାଶି ମଧ୍ୟକୁ ଚାଲିଯାଇଥିଲେ । ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ପୋଖରୀରୁ ତାଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ମହିଳାଙ୍କ ନାମ କନକ ସ୍ୱାଇଁ । ଖବର ପାଇ ବୁଗୁଡ଼ା ଥାନା ପୋଲିସ ଡାକ୍ତରଖାନାରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ଡାକ୍ତରଖାନାକୁ ପଠାଇଛି । ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## ପ୍ଲାଷ୍ଟିକ ନିଷିଦ୍ଧ ନିୟମକୁ କଡ଼ାକଡ଼ିଭାବେ ଲାଗୁ କର-ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,(ପି.ଏନ): ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ନିଷିଦ୍ଧ ଆଇନ୍ କୁ କଡ଼ାକଡ଼ିଭାବେ ସାରା ରାଜ୍ୟରେ ଲାଗୁ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକରେ ଅଧ୍ୟକ୍ଷତା କରି ସେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏ ଦିଗରେ ବର୍ତମାନ ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷାକରି ଆଇନ୍ କୁ କଡାକଡି ଭାବେ ଲାଗୁ କରିବା ପାଇଁ ଶ୍ରୀ ମହାପାତ୍ର ଜିଲ୍ଲାପାଳ, ଡି.ଏଫ୍.ଓ ଏବଂ ସଂପୃକ୍ତ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଥରେ ବ୍ୟବହାର ଯୋଗ୍ୟ ନିଷିଦ୍ଧ ପ୍ଲାଷ୍ଟିକ୍ ଉତ୍ପାଦନ ୟୁନିଟ୍ ଓ ବିକ୍ରୀ କରୁଥିବା ଦୋକାନୀମାନଙ୍କ ବିରୁଦ୍ଧରେ କଡା ଆଇନ୍ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ନିଜ ନିଜ ଜିଲ୍ଲା ଓ ବନଖଣ୍ଡରେ ହାଟ ବଜାର, ପର୍ଯ୍ୟଟନସ୍ଥଳୀ, ସାଧାରଣ ସମାଗମ ସ୍ଥାନ ଆଦିରେ ପ୍ଲାଷ୍ଟିକ୍ ବ୍ୟବହାର ବାରଣର ଅନୁପାଳନ ବିଷୟରେ ପ୍ରତି ମାସରେ ରିପୋର୍ଟ୍ ଦେବାପାଇଁ ଜିଲ୍ଲାପାଳ ଏବଂ ବନଖଣ୍ଡ ଅଧିକାରୀମାନଙ୍କୁ କୁହାଯାଇଥିଲା । ଥରେ ବ୍ୟବହାର ଯୋଗ୍ୟ ନିଷିଦ୍ଧ ପ୍ଲାଷ୍ଟିକ୍, ପଲିଥିନ୍ ବ୍ୟାଗ୍, କ୍ୟାରି ବ୍ୟାଗ୍, ପ୍ଲାଷ୍ଟିକ୍ ଗ୍ଲାସ୍ ଆଦି ବ୍ୟବହାର ନକରିବା ପାଇଁ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ସଘନ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା । ବିଦ୍ୟାଳୟମାନଙ୍କରେ ଗଠନ ହୋଇଥିବା ଇକୋ-କ୍ଲବ୍, ସାମ୍ବାଦିକ, ବରିଷ୍ଠ ନାଗରିକ, ସମ୍ମାନଷ୍ପଦ ବ୍ୟକ୍ତି ବିଶେଷ, ନିର୍ବାଚିତ ପ୍ରତିନିଧି, ବାର୍ ଆସୋସିଏସନ୍, ରୋଟାରୀ ଓ ଲାୟନ୍ସ କ୍ଲବ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ଅଭିଯାନରେ ସକ୍ରିୟଭାବେ ସାମିଲ୍ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ସ୍ୱତନ୍ତ୍ର ସ୍କ୍ୱାର୍ଡ୍ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଚଢ଼ାଉକରି ନିଷିଦ୍ଧ ପ୍ଲାଷ୍ଟିକ୍ ଉତ୍ପାଦନ, ବିପଣୀ ଓ ବ୍ୟବହାରକାରୀ ଦୋକାନୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତି ହୋଇଥିଲା । ପ୍ଲାଷ୍ଟିକ୍ ବର୍ଜ୍ୟର ପୁନଃ ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ରାସ୍ତା ନିର୍ମାଣ ଓ ସିମେଂଟ କାରଖାନା ଆଦିରେ ଏହାର ବ୍ୟବହାର ବଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ, ପୂର୍ତ୍ତ, ଗ୍ରାମ ଉନ୍ନୟନ, ଗୃହ ଓ ନଗର ଉନ୍ନୟନ ବିଭାଗ ଯନ୍ତ୍ରୀ ଓ ବିଶେଷଜ୍ଞ ମାନଙ୍କ ସହ ବୈଠକ କରି ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ର ନିୟମିତ ଯୋଗାଣ ଓ ବ୍ୟବହାର ନିଶ୍ଚିତ କରାଇବା ନିମନ୍ତେ ମୁଖ୍ୟ ଶାସନ ସଚିବ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସିମେଣ୍ଟ ପ୍ରସ୍ତୁତିରେ ଅଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ବ୍ୟବହାର ନିମନ୍ତେ ନିଜ ନିଜ ପ୍ଲାଣ୍ଟର ଦକ୍ଷତା ବଢ଼ାଇବାକୁ ସଂପୃକ୍ତ କଂପାନୀମାନଙ୍କୁ କୁହାଯାଇଥିଲା । ବର୍ତମାନ ସୁଦ୍ଧା ୧୧,୬୯୩ ଟି ଗ୍ରାମରେ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିମନ୍ତେ ଆବଶ୍ୟକୀୟ ଭିତିଭୂମି ତିଆରି ହୋଇଛି ।୩୦୯୭ ଗ୍ରାମ ପଂଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା କଠିନ ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା କରାଯାଉଛି । ୧୩୦୬ ଗ୍ରାମରେ ଘରକୁ ଘର ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହୋଇଛି।୧୩,୮୩୪ ଟି ବର୍ଜ୍ୟ ପୃଥକୀକରଣ ସ୍ଥାନ ତିଆରି କରାଯାଇଛି। ପ୍ରାୟ ୧୩,୪୫୫ ତିନି ଚକିଆ ଗାଡ଼ିକୁ ଗ୍ରାମାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିବହନ କାର୍ଯ୍ୟରେ ନିୟୋଜିତ କରାଯାଇଛି ।ପର୍ଯ୍ୟାୟକ୍ରମେ ସମସ୍ତ ପଂଚାୟତ ଓ ଗ୍ରାମକୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ଏବଂ ପରିଚାଳନା କାର୍ଯ୍ୟକ୍ରମସହ ସଂଯୋଜିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବର୍ଜ୍ୟ ପୃଥକୀକରଣ ଏବଂ ପୁନଃ ବ୍ୟବହାର କେନ୍ଦ୍ର ଏବଂ ପ୍ଲାଷ୍ଟିକ୍ ରୂପାନ୍ତରଣ ୟୁନିଟ୍ ଗୁଡ଼ିକର ଦକ୍ଷତା ବଢ଼ାଇବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ହୋଇଥିଲା । ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବସତ୍ୟବ୍ରତ ସାହୁ, ପଂଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଆଶୋକ କୁମାର ମୀନା, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍, ପରିବେଶ ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ, ପ୍ରଦ୍ୟୁଷଣ ନିୟନ୍ତ୍ରଣ ପରିଷଦର ସଦସ୍ୟ ସଚିବ ଡାକ୍ତର କେ. ମୁରୁଗେଶାନ୍‌ଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।






# ବେଙ୍ଗାଲୁରୁରେ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଗଣେଶ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି




ବେଙ୍ଗାଲୁରୁ,(ପି.ଏନ): ପ୍ରବାସୀ ଓଡ଼ିଆମାନଙ୍କ ତରଫରୁ ବେଙ୍ଗାଲୁରୁଠାରେ ଗଣେଶ ପୂଜା ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଜଣାଯାଇଛି । ଭାରତର ବଗିଚା ନଗରୀଠାରେ ଓଡ଼ିଶା ପୂଜା କମିଟି ତର'ରୁ ଆୟୋଜନ କରାଯାଉଥିବା ୨୮ତମ ମହାବିନାୟକ ମହୋତ୍ସବକୁ ମହାସମାରୋହରେ ପାଳନ କରାଯିବ ବୋଲି ଆୟୋଜକ ମାନେ ପ୍ରକାଶ କରିଛନ୍ତି । ବିଶେଷ କରି କରୋନା ବାଧକତା ଯୋଗୁଁ ଦୀର୍ଘ ଦୁଇ ବର୍ଷର ବ୍ୟବଧାନ ପରେ ବାସ୍ତବ ଢଙ୍ଗରେ ପାଳନ କରାଯାଉଥିବା ବୁଦ୍ଧିଦାତା ଦେବତାଙ୍କର ଏହି ଉତ୍ସବକୁ କେନ୍ଦ୍ର କରି ବେଙ୍ଗାଲୁରୁର ଓଡ଼ିଆ ସମ୍ପ୍ରଦାୟଙ୍କ ମଧ୍ୟରେ ଅଦମ୍ୟ ଆନନ୍ଦ, ଅଫୁରନ୍ତ ଉତ୍ସାହ ଓ ଅଭୂତପୂର୍ବ ଉଦ୍ଦୀପନା ପ୍ରକାଶ ପାଇଥିବା ପରିଲକ୍ଷିତ କରାଯାଉଛି । ପୂଜାସ୍ଥଳୀ କେମ୍ପଫୋର୍ଟ ମଲ୍ ନିକଟସ୍ଥ ଏମ୍. ବିଶ୍ୱେଶରୟା କଲେଜ ପ୍ରାଙ୍ଗଣରେ ଏବେ ଜୋରସୋରରେ ସାଜସଜ୍ଜା କାର୍ଯ୍ୟ ଚାଲିଥିବା ଦେଖାଯାଉଛି । କାର୍ଯ୍ୟକ୍ରମ ନିର୍ଘଣ୍ଟ ଅନୁଯାୟୀ ସକାଳ ନଅଟା ବେଳେ ମଙ୍ଗଳାମୂର୍ତ୍ତି ପ୍ରତିଷ୍ଠା ଏବଂ ପୂଜାର୍ଚ୍ଚନା କାର୍ଯ୍ୟ ଶୁଭାରମ୍ଭ କରାଯିବ । ପବିତ୍ର ମନ୍ତ୍ର ଉଚ୍ଚାରଣ ଏବଂ ମାଙ୍ଗଳିକ ବିଧିବିଧାନ ଦ୍ୱାରା ସମଗ୍ର ପରିବେଶ ପବିତ୍ର ଓ ଭକ୍ତିପୂତ ଉତ୍ସ୍ୱାଶରେ ଆଚ୍ଛାଦିତ ହେବ ବୋଲି ଆଶା କରାଯାଉଛି । ଦିନ ସାଢେ ଏଗାରଟା ସମୟରେ ଉପସ୍ଥିତ ଭକ୍ତ ମାନେ ଦେବଙ୍କର ଦେବଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିବେ । ମହୋତ୍ସବର ମହାଆକର୍ଷଣ ଭାବେ ଅପରାହ୍ନ ସାଢେ ଚାରିଟା ବେଳଠାରୁ ଏକ 'ଷ୍ଟାର ନାଇଟ' ଅନୁଷ୍ଠିତ ହେବାକୁ ଯାଉଛି । ଏହି ସାଂସ୍କୃତିକ କୁମ୍ଭରେ ଓଲିଉଡର ତାରକାମାନେ ଭାଗ ନେଇ ଦର୍ଶକମାନଙ୍କୁ ସେମାନଙ୍କର କଳା ଚାତୂର୍ଯ୍ୟରେ ମନ୍ତ୍ରମୁଗ୍ଧ କରିବେ ବୋଲି ଜଣାଯାଇଛି । ଏହି ଅବସରରେ ପ୍ରସିଦ୍ଧ ଅଭିନେତା ବାବୁଶାନ୍ ଏବଂ ପ୍ରଖ୍ୟାତ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କର ଉପସ୍ଥିତି ବେଶ୍ ମନୋରଞ୍ଜକ ହେବ ବୋଲି ଧରାଯାଉଛି । ଅନ୍ୟମାନଙ୍କ ମଧ୍ୟରେ କୁଳଦୀପ ପଟ୍ଟନାୟକ, ଅର୍ଚ୍ଚନା ପାଢ଼ୀ ଏବଂ ନବ୍ୟା ଜଇତି ପ୍ରମୁଖ ପ୍ରତିଷ୍ଠିତ ସଙ୍ଗୀତଜ୍ଞ ମାନେ ସେମାନଙ୍କର ସୁଲଳିତ ସଙ୍ଗୀତର ମଧୁର ମୂର୍ଚ୍ଛନାରେ ଶ୍ରୋତା ମାନଙ୍କୁ ଅଭିଭୂତ କରିବେ । ଏହାସହିତ ଓଡ଼ିଶାର ଦୁଇ ଲୋକପ୍ରିୟ ହାସ୍ୟ ଅଭିନେତା ମଧୁସୂଦନ ମିଶ୍ର ଓ ପ୍ରିତିରଞ୍ଜନ ପ୍ରଧାନ ମଧ୍ୟ ସେମାନଙ୍କର ଲଘୁକଥନ ଦ୍ୱାରା ଦର୍ଶକ ମାନଙ୍କୁ ହସାଇ ହସାଇ ବେଦମ୍ କରିବେ । ରଜ ରାଣୀ ରୂପାଲି ପାଣିଙ୍କର ମଞ୍ଚାରୋହଣ ମଧ୍ୟ ଜୋରଦାର ହେବ । ସମଗ୍ର ସାଂସ୍କୃତିକ ଅଧିବେଶନକୁ ଦକ୍ଷ ଉପସ୍ଥାପକ ଜ୍ୟୋସ୍ନା ପ୍ରିୟଦର୍ଶିନୀ ସଂଯୋଜନା କରିବେ । ସମାବେଶରେ ବେଙ୍ଗାଲୁରୁ ଏବଂ ଏହାର ଆଖପାଖ ଇଲାକାରୁ ପ୍ରାୟ ଲକ୍ଷାଧିକ ଓଡ଼ିଆ ଓ ଅଣଓଡ଼ିଆ ଶ୍ରଦ୍ଧାଳୁ ଯୋଗଦେବେ ବୋଲି ଆକଳନ କରାଯାଉଛି । ବରେଣ୍ୟ ଅତିଥି ଭାବରେ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ ଯୋଗ ଦେବେ । ଚଳିତ ବର୍ଷର ଗଣେଶ ଉତ୍ସବରେ ବହୁ ସଂଖ୍ୟାରେ ପ୍ରବାସୀ ଓଡ଼ିଆ ଯୋଗଦେବାକୁ ଆୟୋଜକ ଓଡ଼ିଶା ପୂଜା କମିଟିର ପ୍ରତିଷ୍ଠାତା ଉପଦେଷ୍ଟା ନିହାର ସାମନ୍ତରା ନିବେଦନ କରିଛନ୍ତି । ପୂଜା କମିଟିର କର୍ମକର୍ତ୍ତା ଯଥା ସଭାପତି ହରପ୍ରସାଦ ମହାପାତ୍ର, ଉପସଭାପତି ପ୍ରଣୟ ସାହୁ, ସାଧାରଣ ସଂପାଦକ ହିମାଂଶୁ ମହାପାତ୍ର, ସାଂସ୍କୃତିକ ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ଦାଶ, ଗଣମାଧ୍ୟମ ଓ ପ୍ରଚାର ଯୁଗ୍ମ ସମ୍ପାଦକ ପ୍ରଭୁଦତ୍ତ ଧଳ, ସମାଜସେବା ଯୁଗ୍ମ ସମ୍ପାଦକ ସୌମ୍ୟ ରଞ୍ଜନ ମହାନ୍ତି, ଲୋକସମ୍ପର୍କ ଯୁଗ୍ମ ସମ୍ପାଦକ ଚିନ୍ମୟ ମନୋରଞ୍ଜନ ମହାନ୍ତି, ସଂଯୋଜନା ଯୁଗ୍ମ ସମ୍ପାଦକ ବିନୟ ସାହୁ ଏବଂ ପୂଜା ଯୁଗ୍ମ ସମ୍ପାଦକ ଅଜିତ ସାହୁ ଚଳିତ ବର୍ଷର ମହାବିନାୟକ ମହୋତ୍ସବ ଆୟୋଜନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ଜଣାଯାଇଛି ।

# କୁଡୁମୁଲୁଗୁମ୍ମାରେ ରକ୍ତଦାନ ଶିବିର

ମାଲକାନଗିରି, (ପି.ଏନ): କୁଡୁମୁଲୁଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଜି ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଅନ୍ୟ ମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ବିଏସଏଫ ୧୫୧ ବାଟାଲିୟନର ଅତିରିକ୍ତ କମାଣ୍ଡର ସୌରଭ ଫୋ ଜଦାର, ସ୍ଥାନୀୟ ଫାଣ୍ଡି ଅଧିକାରୀ ଅଜିତ କୁମାର ଷଡଙ୍ଗୀ, ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ସନ୍ତୋଷ କୁମାର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ ।ଆଜିର ଏହି ଶିବିର ପୂର୍ବତନ ଦିବଙ୍ଗତ ବିପିଏମ୍ ସ୍ୱର୍ଗତ ହର ପ୍ରସାଦ ତାରିଣୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କରାଯାଇଥିଲା । ସମସ୍ତ ଅତିଥି ଦିବଙ୍ଗତ ବିପିଏମଙ୍କ ତୈଳ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରଥିଲେ । ଏଥିରେ ମୁଖ୍ୟ ଅତିଥି ଶ୍ରୀ ବାକା ସମସ୍ତ ଯୁବ ସମାଜକୁ ରକ୍ତଦାନ ଭଳି ପୁଣ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଏସଏଫ ଯବାନ, ହସ୍ପିଟାଲ କର୍ମଚାରୀ, ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସମୁହ ଓ ସ୍ଥାନୀୟ ଜନସାଧାରଣ ମାନେ ପ୍ରବଳ ଉତ୍କଣ୍ଠା ଓ ଉତ୍ସାହର ସହ ରକ୍ତଦାନ କରିଥିଲେ । ମାଲକାନଗିରି ବ୍ଲଡ୍ ବ୍ୟାଙ୍କରୁ ଆସିଥିବା କର୍ମଚାରୀ ମାନେ ଉପସ୍ଥିତ ରହି ଯଥେଷ୍ଟ ସତର୍କତା ଅବଲମ୍ବନ କରି ପାଖାପାଖି ୫୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସମ୍ପୂର୍ଣ୍ଣ ଶିବିରକୁ ଚିକିତ୍ସାଧିକାରୀ ଡ. ସନ୍ତୋଷ କୁମାର ଷଡଙ୍ଗୀ ପରିଚାଳନା କରିଥିଲାବେଳେ ଫାର୍ମାସିଷ୍ଟ ସଞ୍ଜୟ କୁମାର ପୃଷ୍ଟି ସହଯୋଗ କରିଥିବା ଜଣାପଡିଛି ।ଆଜି ବିଧାୟକଙ୍କ ଜନ୍ମଦିନ ଥିବାରୁ ଏହି ଅବସରରେ ବିଧାୟକ ଶ୍ରୀ ବାକା ସମସ୍ତ ବିଏସଏଫ ଯବାନ ଓ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ମିଠା ଖୁଆଇଥିଲେ ।

# ବର୍ଷାରେ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ବଂଟନ

ମାଲକାନଗିରି,(ପି.ଏନ): ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ଆଜି କୁଡୁମୁଲୁଗୁମ୍ମା ସ୍ଥିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପରିସରରେ ପହଂଚି ଚଳିତ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଘରର ହିତାଧିକାରୀ ମାନଙ୍କୁ ପଲିଥିନ ବାଂଟିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ରାଜସ୍ୱ ସର୍କଲ ଓ ନାକାମାମୁଡି ରାଜସ୍ୱ ସର୍କଲର ପାଖାପାଖି ୫୦ ରୁ ଉର୍ଦ୍ଧ୍ୱ ହିତାଧିକାରୀ ମାନଙ୍କୁ ପଲିଥିନ ବଂଟା ଯାଇଛି ।ପ୍ରକାଶ ଥାଉକି, ଚଳିତ ବର୍ଷ ବର୍ଷାର ବିପ୍ରାତ ଲାଗି ରହିଥିବା ଫଳରେ ଅଧିକାଂଶ ଲୋକଙ୍କର ଘରଛପର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ଏହି ଅବସରରେ କୁଡୁମୁଲୁଗୁମ୍ମା ରାଜସ୍ୱ ନିରୀକ୍ଷକ ରୁଦ୍ର ପ୍ରସାଦ ଗୌଡ ଓ ନାକାମାମୁଡି ରାଜସ୍ୱ ନିରୀକ୍ଷକ ପ୍ରିୟଙ୍କା ପ୍ରଧାନଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପଲିଥିନ ବଣ୍ଟନରେ ବିଧାୟକ ଶ୍ରୀ ବାକାଙ୍କୁ ସହଯୋଗ କରିଥିଲେ । ପଲିଥିନ ପାଇଥିବା ହିତାଧିକାରୀ ମାନଙ୍କ ମଧ୍ୟରେ ଦାମୋଦରବେଡା ଗ୍ରାମର ଲଳିତା ମୁଦୁଲି, କଣ୍ଡେଲ ଗ୍ରାମର ଚୈତନ୍ୟ ଦୋରା, ହାତୀରାମ ଦୋରା, ଲଳିତା ଆଦବାରୀ, ମନୋଜ କୋଡେ ଓ ହାତିଆମ୍ବ ଗ୍ରାମର ସନୁ ଚାଲାଣ ପ୍ରମୁଖ ଅଟନ୍ତି ।

# ପଶ୍ଚିମ ଓଡିଶାର ଗଣପର୍ବ ପାଇଁ ୩ ଦିନ ଛୁଟି ଘୋଷଣା ନିମନ୍ତେ ଯୁବା ମଂଚର ଦାବିପତ୍ର ପ୍ରଦାନ

ବଲାଙ୍ଗିର,(ପି.ଏନ): ପଶ୍ଚିମ ଓଡ଼ିଶା ଯୁବା ମଂଚର ବଲାଙ୍ଗିର ଜିଲ୍ଲା ଆବାହକ ଥବିର କର୍ମାଙ୍କ ନେତୃତ୍ୱରେ ରାଜ୍ୟ ସ୍ତରୀୟ ଭାଇଚାରାର ପର୍ବ ତଥା କୃଷିଭିତିକ ଗଣପର୍ବ ନୂଆଁଖାଇ ପାଇଁ ୩ ଦିନ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାପାଳ ମହୋଦୟଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ବର୍ତମାନ ସମୟରେ ରାଜ୍ୟ ଓ ଦେଶ ବାହାରେ ରହୁଥିବା ପଶ୍ଚିମ ଓଡ଼ିଶା ବାସୀଙ୍କ ପାଇଁ ଏକ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଥାଏ । ଏହି ଦିନଟି ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗ ସହିତ ଗଭୀର ଭାବରେ ଜଡିତ ରହୁଥିବାରୁ ଏଭଳି ସମୟରେ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ମାନଙ୍କରେ ଛୁଟି ନମିଳିବା ନିଶ୍ଚିତ ଭାବରେ ସରକାର, ପ୍ରଶାସନ ଏବଂ ବେସରକାରୀ ସଂସ୍ଥାଙ୍କ ପଶ୍ଚିମ ଓଡ଼ିଶା ପ୍ରତି ବୈମାତୃକ ଇଂଗିତ କରୁଅଛି । ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାଜ୍ୟ ସ୍ତରରେ ୩ ଦିନ ଛୁଟି ଘୋଷଣା କରିବା ସହ କେନ୍ଦ୍ର ସରକାରଙ୍କୁ ତତ୍ ଅନୁରୂପ ଜାତୀୟସ୍ତର ଛୁଟି ମଞ୍ଜୁରୀ ପାଇଁ ଦାବୀ କରିଛନ୍ତି ।ଦାବୀପତ୍ର ଦେବା ସମୟରେ ପଶ୍ଚିମ ଓଡ଼ିଶା ଯୁବା ମଂଚର ସଦସ୍ୟ ସୁରେଶ କର୍ମ, କିଶୋର ଗୁରାଣ୍ଡି ଓ ବିରେନ୍ଦ୍ର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ ।

# ଦରଦାମ ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ତରଫରୁ ପଥପ୍ରାନ୍ତ ସଭା



ଭୁବନେଶ୍ୱର,(ପି.ଏନ): ଅତ୍ୟାବଶକୀୟ ଖାଦ୍ୟ ପଦାର୍ଥର ଅହେତୁକ ଦରଦାମ ବୃଦ୍ଧି, ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥ ତଥା ଛୋଟ ପିଲାମାନଙ୍କର ଖାତା, ପେନସିଲ କଟର ଇତ୍ୟାଦି ଉପରେ ଯେଉଁଭଳି ଭାବରେ ୫% ଜିଏସଟି ଲାଗୁ କରାଯାଇଛି ତାହାର ପ୍ରତିବାଦ କରି ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁସାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଭୁବନେଶ୍ୱର ମଧ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୁଇନମ୍ବର ପେଟ୍ରୋଲ ପମ୍ପ ସମ୍ମୁଖରେ ଏବଂ ରସୁଲଗଡ଼ ଠାରେ ଥିବା କୁଟିଳାଖାଇ ହାଟ ସମ୍ମୁଖରେ ତଥା ଉତର ନିର୍ବାଚନ ମଣ୍ଡଳୀର ଇନ୍ଦ୍ରଧନୁମାର୍କେଟ, ଡମଣା ହାଟ ଓ ପଦ୍ମକେଶରୀପୁର ହାଟ ପଡ଼ିଆଠାରେ ପଥପ୍ରାନ୍ତ ସଭାମାନ ଅନୁଷ୍ଠିତ ହୋଇଥିଲା । ଏହି ପ୍ରଥପ୍ରାନ୍ତ ସଭାରେ ପିସିସିର ପୂର୍ବତନ ଉପସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଶିବାନନ୍ଦ ରାୟ, ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ବ୍ଲକ ସଭାପତି ଶ୍ରୀ ଅଶୋକ ଦାସ ଓ ଅନ୍ୟ ମାନ୍ୟଗଣ୍ୟ ନେତୃବୃନ୍ଦମାନେ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଦରଦାମ ଓ ବେକାରୀ ସମ୍ପର୍କୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥିଲେ । ଦୀର୍ଘ ୮ ବର୍ଷ ଭିତରେ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟପଦାର୍ଥର ଦରଦାମ ୨୦୧୪ ମସିହା ଠାରୁ ୬୦ ରୁ ୭୦% ବୃଦ୍ଧି ଘଟିଛି । ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସର ଦରବୃଦ୍ଧି ଆଜି ପ୍ରତ୍ୟେକ ପରିବାରକୁ ବହୁ କଷ୍ଟ ଦେଉଛି । ଦେଶର ପାଇକାରୀ ମୁଦ୍ରାସ୍ଫିତି ୧୭ ମାସ ଧରି ୭% ରୁ ଅଧିକ ରହୁଛି । ଯାହାକି ଏହା ଅତ୍ୟନ୍ତ ଚିନ୍ତାଜନକ ହୋଇଥିଲେ ମଧ କେନ୍ଦ୍ରର ବିଜେପି ସରକାର ଏଥିରେ ତିଳେମାତ୍ର କର୍ଣ୍ଣପାତ କରୁନାହିଁ । ଗୋଟେପଟେ ବେକାରୀ ସମସ୍ୟା ଉତ୍କଟ ହୋଇଥିଲା ବେଳେ ଅନ୍ୟପଟେ ମହଙ୍ଗାଇ ମାଡ଼ ଲୋକଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଲାଣି । ମୋଦି ସରକାର ଆଛାଦିନର ଏବଂ ମହଙ୍ଗାଇକୁ ନିଶ୍ଚିତ କମ୍ କରିବାପାଇଁ ଭରଷା ଦେଇଥିଲା ବେଳେ ତାହା ଏ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଖରେ ଉପଲବ୍ଧ ହେଲା ନାହିଁ ବୋଲି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ କହିଥିଲେ । ଯଦି ଜନସାଧାରଣ ଏହି ଦରଦାମରୁ ନିସ୍ତାର ପାଇବାପାଇଁ ଚାହୁଁଛନ୍ତି ଏବଂ ପରିବାରର ଯୁବକଯୁବତୀ ମାନଙ୍କୁ ନିଯୁକ୍ତି ମିଳୁ ବୋଲି ଆଶା କରୁଛନ୍ତି ତାହାହେଲେ କଂଗ୍ରେସର ହାତମୁଠାକୁ ଟାଣ କରିବାପାଇଁ ପଡ଼ିବ । କଂଗ୍ରେସ ଗରିବ ଖଟିଖିଆ, କୃଷକ, ଶ୍ରମିକ ଏବଂ ନିମ୍ନମଧବିତ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସବୁ ସମୟରେ ଲଢ଼େଇ କରିଛି ଓ କରିବ ମଧ । ଆମ ସମସ୍ତଙ୍କୁ ଏ ଜନବିରୋଧି ସରକାର ବିରୁଦ୍ଧରେ ଏକ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବାକୁ ହେବ । ଭାରତବର୍ଷକୁ ରକ୍ଷା କରିବା ସହିତ ଭାରତ ବର୍ଷରୁ ଜନଗଣଙ୍କୁ ମଧ ରକ୍ଷା କରିବାକୁ ପଡ଼ିବ । ଏହି ସଭାରେ ବ୍ଲକ କଂଗ୍ରେସ ସଭାପତି ଶ୍ରୀଧର ବଳିଆରସିଂ, ମୋହନ ଜେନା, ମିହିର ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ବହ୍ମାନନ୍ଦ ସାହୁ, ଅକ୍ଷୟ ଦାସ, ଜୟଶ୍ରୀ ପାତ୍ର, ଦେବାଶିଷ ଦାସ, ଦେଓ ପ୍ରସାଦ, ଲୁଲୁ ଏହମ୍ମଦ, ସୌମେନ୍ଦ୍ର ମହାନ୍ତି, ପ୍ରଭାତ ପାଲଟାସିଂ, ସୂର୍ଯ୍ୟକାନ୍ତ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ନ୍ୟାୟ, ଶାନ୍ତି ଓ ସଦଭାବନା ସମାଜର ସାଧାରଣ ସଭା

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲାର ସ୍ଥାନୀୟ କରନେସନ ପଡିଆ ଠାରେ ସଭାପତି ପ୍ରସନ୍ନ ବିଷୋୟୀଙ୍କ ନେତୃତ୍ୱରେ ନ୍ୟାୟ ଶାନ୍ତି ଓ ସଦଭାବନା ସମାଜ, କନ୍ଧମାଳର ଏକ ବିରାଟ ରାଲି ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱ ପ୍ରଥମେ ଶାନ୍ତି ପୂର୍ଣ୍ଣ ଭାବରେ ଏକ ରାଲି ମାଦିକୁନ୍ଦା ଛକରୁ ବାହାରି କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ଏକ ୮ ଦଫା ସମ୍ମିଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ।ଏହି ଦାବିପତ୍ରରେ ଉଲ୍ଲେଖ ରହିଛି, ପ୍ରପୀଡ଼ିତକ ମାନଙ୍କୁ ନ୍ୟାୟ ଓ ଥଇଥାନ ନିଶ୍ଚିତକରଣ ନିମନ୍ତେ ବନ୍ଦ କରାଯାଇଥିବା ୩୧୫ ଟି କେସକୁ ସୁପ୍ରିମକୋର୍ଟର ରାୟ ଅନୁସାରେ ପୁନର୍ବିବାର କରାଯାଉ ,୨୦୦୮ ହିଂସା ପ୍ରପୀଡ଼ିତ ପରିବାର ଗୁଡ଼ିକ ଆଜି ସୁଦ୍ଧା ଯେଉଁ ଆର୍ଥିକ ସାହାଜ୍ୟ ଦିଆଯାଇଛି, ତାହା ସମୁଦ୍ରକୁ ଶଙ୍ଖ ପରି ଅତି ନଗଣ୍ୟ । ଘର ଓ ସମ୍ପତି ନଷ୍ଟର ପରିମାଣ ଅତି ପ୍ରଚୁର, ତେଣୁ ପ୍ରପୀଡ଼ିତ ପରିବାରକୁ ଯଥେଷ୍ଟ ପରିମାଣରେ ସାହାଯ୍ୟ ପ୍ରଦାନ କରାଯାଉ, ପାର୍ବତ୍ୟାଚଂଳରେ ବାସ କରୁଥିବା ଦଳିତ ଓ ସଂଖ୍ୟାଲଘୁ ମାନଙ୍କୁ ଲିଜ ଜମି ଦିଆଯିବାର ବ୍ୟବସ୍ଥା କରାଯାଉ । ଓଡ଼ିଶା ରାଜ୍ୟ ସଂଖ୍ୟାଲଘୁ ଆୟୋଗ ଏବଂ ସଂଖ୍ୟାଲଘୁଙ୍କ ବିଚାର ପାଇଁ ଆର୍ଥିକ ନିଗମ ସ୍ଥାପନ କରାଯାଉ । କେନ୍ଦ୍ର ସରକାର ଏଥି ସକାଶେ ଦୃଢ଼ ପଦକ୍ଷେପ ନିଅନ୍ତୁ ଏବଂ ରାଜ୍ୟ ସରକାରଙ୍କୁ ଏହି ବିଷୟରେ ନିର୍ଦ୍ଦେଶ ଦିଅନ୍ତୁ । କନ୍ଧମାଳର ୨୫ ପ୍ରତିଶତରୁ ଉର୍ଦ୍ଧ୍ୱ ସଂଖ୍ୟାଲଘୁ ସଂପ୍ରଦାୟ ଥିବା ବ୍ଲକ ଗୁଡ଼ିକୁ ଯଥା ତୁମୁଡ଼ିବନ୍ଧ, ବାଲିଗୁଡ଼ା, ନୂଆଗାଁକୁ ସଂଖ୍ୟାଲଘୁ ବ୍ଲକ୍ର ମାନ୍ୟତା ଦିଆଯାଉ, ଆଦିବାସୀ ଖ୍ରୀଷ୍ଟିୟାନ୍ ମାନଙ୍କ ପ୍ରତି ରହିଥିବା ସଂରକ୍ଷଣ ବ୍ୟବସ୍ଥାକୁ ଅବ୍ୟାହତ କରାଯାଉ । ପ୍ରଧାନମନ୍ତ୍ରୀଙ୍କ ପନ୍ଦର ସୂତ୍ରୀ କାର୍ଯ୍ୟକ୍ରମ ଓ ଏମ୍.ଏସ୍.ଡିପି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉ । ଧାର୍ମୀକ ଅସହିଷ୍ଣୁତା ଓ ଆକ୍ଷେପକୁ ଦୃଢ଼ ନିନ୍ଦା କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉ ବୋଲି ଦାବୀ ପୂରଣ ପାଇଁ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି । ପରେ ପରେ କରୋନେସନ ପଡିଆ ଠାରେ ସର୍ବ ସାଧାରଣ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବରେ ଅଶୋକ କୁମାର ପାଣ୍ଡେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ପ୍ରଫେସର ଲକ୍ଷ୍ମଣ ଯାଦବ, ଅଭିରାମ ମଲିକ, ଅମୀୟ ପାଣ୍ଡେ, ପୂର୍ବତନ ବିଧାୟକ ଦୁଗୁନି କହଁର, ଦିଲୀପ ବଳ, ସଂଗ୍ରାମ ମଲିକ, ଅନିଲ ମଲିକ, ଲୁଧିଆ ଦିଗାଲ ଓ ଜାଗ୍ରତ କନ୍ଧମାଳର ପ୍ରତିଷ୍ଠାତା ତଥା ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ବେହେରା ପ୍ରମୁଖ ମଂଚାସିନ ଥିଲେ ।

# ପଚାଂୟତ ନିର୍ବାହୀ ଅଧିକାରୀ ଠିକାଦାରଙ୍କୁ ପିସି ମାଗୁଥିବା ଭିଡିଓ ଭାଇରାଲ୍

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାରେ ବଢ଼ିବାରେ ଲାଗିଛି ପିସି କାରବାର । ବିଗତ ଦିନରେ ପିସି ନେଉଥିବା ବେଳେ ଅନେକ ଅଧିକାରୀ ଓ କର୍ମଚାରୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି । ତେବେ ଏହା ସତ୍ୱେ ମଧ ଜିଲ୍ଲାରେ ବନ୍ଦ ହେଉନି ପିସି କାରବାର । ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୋରାଖୁଂଟା ପଂଚାୟତରେ ଠିକାଦାରଙ୍କ ପ୍ରାପ୍ୟ ପାଇଁ ଆସିଥିବା ଟଙ୍କାରୁ ପଂଚାୟତ ନିର୍ବାହୀ ଅଧିକାରୀ ( ପିଇଓ ) ଅଶୋକ ସରକାର ପିସି ମାଗୁଥିବାର ଏକ ଭିଡିଓ ବର୍ତମାନ ଭାଇରାଲ ହେବାରେ ଲାଗିଛି । ପଂଚାୟତର ଉନ୍ନୟନମୂଳକ କାମ କରିଥିବା ଜଣେ ଠିକାଦାର ପଂଚାୟତ କାର୍ଯ୍ୟାଳୟକୁ ନିଜର ବିଲ୍ ପାଇଁ ଯାଇଥିଲେ । ତେବେ ସେଠାରେ ବିଲ୍ ପାସ୍ କରାଇବା ପାଇଁ ପଂଚାୟତ ନିର୍ବାହୀ ଅଧିକାରୀ ଶ୍ରୀ ସରକାର ସିଧାସଳଖ ପିସି ମାଗିଥିଲେ । ଏନେଇ ଭାଇରାଲ ଭିଡିଓରେ ସ୍ପଷ୍ଟ ବାରି ହେଉଛି । କେବଳ ଏତିକି ନୁହେଁ, ଠିକାଦାର ଜଣକ ପିସି ଦେବାକୁ ମନା କରିବାରୁ ଏହା ନୂଆକଥା ନୁହେଁ ବୋଲି ଶ୍ରୀ ସରକାର କହିଥିଲେ । ବିଭିନ୍ନ ଅଧିକାରୀ ଏହି ପିସି ନେବେ ବୋଲି ମଧ ଶ୍ରୀ ସରକାର ବଙ୍ଗୀୟ ଭାଷାରେ କହୁଥିବା ଭାଇରଲ ଭିଡିଓରୁ ଜଣାପଡ଼ିଛି । ଅପର ପକ୍ଷରେ ଠିକାଦାର ଜଣକ ପୂର୍ବରୁ ଅନ୍ୟ କର୍ମଚାରୀଙ୍କୁ ପିସି ଦେଇଛନ୍ତି, ଆଉ ଅଧିକ ପିସି ଦେଲେ କ୍ଷତିହେବ କହିଥିବା ଭିଡିଓରେ ଦେଖିବାକୁ ମିଳିଛି । ଜିଲ୍ଲାରେ ଏଭଳି ଅନେକ ବିଭାଗରେ ପିସି କାରବାର ଚାଲିଥିବା ବେଳେ ସମସ୍ତ ଉନ୍ନୟନ କାର୍ଯ୍ୟ କରୁଥିବା ଠିକାଦାର ନିଜର ପ୍ରାପ୍ୟ ପାଇବା ପାଇଁ ପିସି ଦେଉଥିବା ନେଇ ଚର୍ଚ୍ଚା ହେଉଛି । ଜଣେ ଠିକାଦାର ଯଦି ପିସି ଆକାରରେ ବିପୁଳ ଅର୍ଥ ଦେବ, ତେବେ ଉନ୍ନୟନମୂଳକ କାର୍ଯ୍ୟର ମାନ କିପରି ହେବ, ତାହା ମଧ ସହଜେ ଅନୁମେୟ ।ଏନେଇ ଆମେ ମାଲକାନଗିରି ବିଡିଓ ଅଜୟ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଏଭଳି ଘଟଣାର ସେ ତଦନ୍ତ କରିବେ । ଦୋଷୀ ସାବ୍ୟସ୍ତ ହେଲେ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।ସୂଚନା ଅନୁଯାୟୀ, ସମ୍ପୃକ୍ତ ପଂଚାୟତ ନିର୍ବାହୀ ଅଧିକାରୀ ମାଲକାନଗିରି ବ୍ଲକର ତଣ୍ଡାପଲ୍ଲୀ ଓ ତଣ୍ଡିକି ପଂଚାୟତରେ ଥିବାବେଳେ ପୂର୍ବରୁ ମଧ ତାଙ୍କ ନାମରେ ଏଭଳି ଅନେକ ଅଭିଯୋଗ ରହିଥିବା ଜଣାପଡିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray